# ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପ-୨୦୦୮

ଓଡ଼ିଶା ସରକାର

ଜଙ୍ଗଲ ଓ ପରିବେଶ ବିଭାଗ

## ସଂକଳ୍ପ

**No. IF-Affn. 17/2008-17454 / F & E**

ତାରିଖ : ଭୁବନେଶ୍ୱର-୨୨, ଅକ୍ଟୋବର,୨୦୦୮


## ବସୁନ୍ଧରା

## ଏ/୭୦, ସହିଦ ନଗର

## ଭୁବନେଶ୍ୱର – ୭୫୧୦୦୭

**vasundharanr@satyam.net.in**
**www.vasundharaorissa.org**

ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଜାରି କରାଯାଇଥିବା ଇଂରାଜୀ ସଙ୍କଳ୍ପନାମାର ଏହା ଓଡିଆ ଭାଷାନ୍ତର ଅଟେ । ମୂଳ ଇଂରାଜି ବକ୍ୟର ଭାବାର୍ଥକୁ ଅକ୍ଷୁର୍ଣ୍ଣ ରଖାଯାଇ ଓଡିଆ ଅନୁବାଦ କରାଯାଇଛି । ଏହା ସତ୍ୱେ କୌଣସି ତୃଟି ଆପଣଙ୍କର ଦୃଷ୍ଟି ଗୋଚର ହେଲେ ଆମକୁ ଜଣାନ୍ତୁ । ଆଇନଗତ କାର୍ଯ୍ୟାନୁଷ୍ଠାନ ତଥା ସବିଶେଷ ଆଲୋଚନା ପାଇଁ ଓଡିଶା ସରକାରଙ୍କ ରାଜପତ୍ରରେ ପ୍ରକାଶିତ ମୂଳ ଇଂରାଜିକୁ ବ୍ୟବହାର କରିବାକୁ ଅନୁରୋଧ ।

ଅନୁବାଦ:

ଘାସିରାମ ପଣ୍ଡା

ଓଡ଼ିଶା ସରକାର

ଜଙ୍ଗଲ ଓ ପରିବେଶ ବିଭାଗ

# ସଂକଳ୍ପ

**No. IF-Affn. 17/2008-17454 / F & E**

ତାରିଖ : ଭୁବନେଶ୍ୱର-୨୨, ଅକ୍ଟୋବର, ୨୦୦୮

## ବିଷୟ :- ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପ-୨୦୦୮

**୧. ଆରମ୍ଭ :**

ଜଙ୍ଗଲ ହେଉଛି ଏକ ଜଟିଳ ପରିସଂସ୍ଥା । ମାନବ ସଭ୍ୟତାର ଅର୍ଥନୈତିକ ସମୃଦ୍ଧି ଏବଂ ପରିବେଶ ସଂରକ୍ଷଣରେ ଜଙ୍ଗଲର ଭୂମିକା ସୁପ୍ରତିଷ୍ଠିତ । ଅର୍ଥନୈତିକ ପ୍ରଗତି ଓ ପରିବେଶ ସୁରକ୍ଷା ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ । ପୃଥିବୀ ପୃଷ୍ଠରେ ତିଷ୍ଠି ରହିବାକୁ ହେଲେ ଆମକୁ ପ୍ରକୃତି ସହିତ ସମନ୍ୱୟ ରକ୍ଷାକରି ଚଳିବାକୁ ପଡ଼ିବ । ପରିବେଶ ସଂରକ୍ଷଣ, ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଆମ ସମ୍ବିଧାନ ମଧ୍ୟ ଗୁରୁତ୍ୱଦେଇଛି । ଓଡ଼ିଶାର ୫୮୧୩୬ ବର୍ଗ କି.ମି. ପରିମିତ ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ । ଏହାର ସମୁଦାୟ ଭୌଗଳିକ ସୀମାର ଶତକଡ଼ା ୩୧.୦୭ ଭାଗ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ଯାହା ଆମ ରାଜ୍ୟର ଲୋକମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନ ଚଳଣିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ସତ୍ତ୍ୱେ, ବିଗତ କେତେ ଦଶନ୍ଧି ଧରି ଓଡ଼ିଶାର ଜଙ୍ଗଲ ସଂପଦ ମାତ୍ରାଧିକ ଜୈବିକ ଚାପ ଭିତରେ ଅଛି । ରାଜ୍ୟର ପ୍ରାଚୁର୍ଯ୍ୟ ଭରା ଜୈବ ବିବିଧତା ଆଜି ସଂକଟାପର୍ଣ୍ଣ । ମଣିଷ ଏବଂ ପଶୁଙ୍କ ଭିତରେ ସଂଘର୍ଷ ବୃଦ୍ଧି ପାଉଛି । ଏଣୁ, ରାଜ୍ୟର ସମୃଦ୍ଧ ଜଙ୍ଗଲ ସଂରକ୍ଷଣର ପରମ୍ପରାକୁ ସୁରକ୍ଷିତ ଓ ବିକାଶ କରିବା ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ବନ ସଂରକ୍ଷଣ ଓ ଏହାର ବିକାଶ ଦିଗରେ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତାକୁ ୧୯୮୮-ଜାତୀୟ ଜଙ୍ଗଲ ନୀତିରେ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶା ସରକାର ମଧ୍ୟ **"ଯୁଗ୍ମ ଜଙ୍ଗଲ ପରିଚାଳନା"** ନୀତିକୁ ମାନି ନେଇ ଜଙ୍ଗଲ ସଂପଦର ସୁରକ୍ଷା, ପୁନରୁଦ୍ଧାର ଏବଂ ଏହାର ସୁପରିଚାଳନା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି । **"ଯୁଗ୍ମ ଜଙ୍ଗଲ ପରିଚାଳନା"** କେବଳ ଜଙ୍ଗଲର ପୁନରୁଦ୍ଧାର ନିମିତ୍ତ ଏକ ଅସ୍ତ୍ର ନୁହେଁ ବରଂ ବନବାସୀ ମାନଙ୍କର କର୍ମନିଯୁକ୍ତି ଏବଂ ସେମାନଙ୍କର ସାମାଜିକ ସଶକ୍ତି କରଣ କରିବାର ଏକ ମାଧ୍ୟମ ।

୧୯୮୫ ମସିହାରେ ରାଜ୍ୟ ସରକାର **"ଓଡ଼ିଶା ଗ୍ରାମ୍ୟ ଜଙ୍ଗଲ ନିୟମାବଳୀ"** ପ୍ରବର୍ତ୍ତନ କଲେ ଯାହାକି ପ୍ରତ୍ୟେକ ଗ୍ରାମ୍ୟ ଜଙ୍ଗଲ ପାଇଁ ଏକ ପରିଚାଳନା ଯୋଜନା ନିର୍ଦ୍ଧାରଣ କଲା ଏବଂ ଜଙ୍ଗଲର ସୁରକ୍ଷା ପାଇଁ ଜନ ସହଯୋଗ ଲୋଡ଼ିଲା । ୧୯୮୮ମସିହାରେ ସଂରକ୍ଷିତ ଜଙ୍ଗଲର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୁରକ୍ଷାକୁ ନେଇ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଏକ ସଂକଳ୍ପନାମା ଜାରି କଲେ । ଏହି ସଂକଳ୍ପ ନାମାରେ ଜଙ୍ଗଲର ଆଖ ପାଖ ଗାଁ ଲୋକଙ୍କୁ ନେଇ **"ଗ୍ରାମ୍ୟ ସ୍ତରୀୟ ଜଙ୍ଗଲ ସୁରକ୍ଷା ସମିତି"** ଗଠନ କରିବା କଥା କୁହାଗଲା । ୧୯୯୦ରେ ଏହି ସଂକଳ୍ପ ନାମାର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରାଯାଇ 'ସୁରକ୍ଷିତ ଜଙ୍ଗଲ'କୁ ଏଥିରେ ସାମିଲ କରାଗଲା। ବନାଞ୍ଚଳ ଅଧିବାସୀମାନଙ୍କୁ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଅଧିକ ଦକ୍ଷ, ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଭାବ ବିନିମୟୀ କରିବା ଉଦ୍ଦେଶ୍ୟରେ ତା ୩.୭.୧୯୯୩ ରିଖରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏକ ସଂକଳ୍ପ ନାମା ଜାରି କଲେ । ଜନ ସହଯୋଗରେ ଜଙ୍ଗଲ ସୁରକ୍ଷା ସଂପର୍କିତ ବିଭିନ୍ନ ବିଷୟ ଯଥା- ବନ ସଂରକ୍ଷଣ ସମିତି ଗଠନ, ସମିତିର କର୍ତ୍ତବ୍ୟ ଓ ଦାୟିତ୍ୱ, ଜଙ୍ଗଲ ବିଭାଗ ଓ ଗ୍ରାମ ପଞ୍ଚାୟତର ଭୂମିକା ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା ପ୍ରସ୍ତୁତି ସମିତିର ଫଳ ଭୋଗ ଆର୍ଥିକ ଲାଭାଂଶ, ବୁଝାମଣା ପତ୍ରରେ ଥିବା ପ୍ରାବଧାନ ଓ ସେ ସଂପର୍କିତ ବିଷୟ ଏହି ସଂକଳ୍ପ ନାମା ସବିସ୍ତୃତ ସ୍ଥାନ ପାଇଲା । ପରେ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ଗ୍ରାମ୍ୟ କମିଟିର ବିଶେଷ ଅଧିକାର ବିଷୟରେ ତା ୩୦.୯.୧୯୯୬ରେ ସରକାର ଅନ୍ୟ ଏକ ସଂକଳ୍ପ ନାମା ଜାରି କଲେ ।

କିନ୍ତୁ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ ଗୁଡ଼ିକୁ ଏ ସମସ୍ତ ପୂର୍ବ ସଂକଳ୍ପନାମାରେ ପରିସରଭୁକ୍ତ କରାଯାଇ ନଥିଲା । ଆର୍ଦ୍ରଭୂମିଜ ହେନ୍ତାଳ ବଣ/ଲୁଣା ଜଙ୍ଗଲ ଏବଂ ସୁରକ୍ଷିତ ଅଞ୍ଚଳ ଗୁଡ଼ିକ ଯଦିଓ ଜନସାଧାରଣଙ୍କ ସହଯୋଗ ଭିତ୍ତିରେ ପରିଚାଳନା କରାଯିବାର ଆବଶ୍ୟକତା ମନେ ହୁଏ, ହେଲେ ଏହା ଭିନ୍ନ ଧରଣର ପରିଚାଳନା ଶୈଳୀ ଆବଶ୍ୟକ କରେ । ଅତୀତରେ ସୁରକ୍ଷିତ ଅଞ୍ଚଳକୁ ଜଙ୍ଗଲ ଅଧିବାସୀଙ୍କଠାରୁ ବଳପୂର୍ବକ ଦୁରେଇ ରଖିବାକୁ ଚେଷ୍ଟା କରାଯିବା ଫଳରେ ସେମାନେ ବନ କର୍ମଚାରୀ ଓ ବନ୍ୟଜନ୍ତୁଙ୍କ ପ୍ରତି ଅଧିକ ଆକ୍ରୋଶମୂଳକ ମନୋଭାବ ପୋଷଣ କରିଥିବା ଦେଖାଦେଇଛି । ଏହା ମଧ୍ୟ ହୃଦ୍‌ବୋଧ କରାଯାଇଛି ଯେ ଯଦିଓ ସଂରକ୍ଷଣ ଜନିତ କିଞ୍ଚିତ୍ ଲାଭ ମିଳିଛି, ସୁରକ୍ଷିତ ଅଞ୍ଚଳ ନିକଟରେ ବାସ କରୁଥିବା ଅଧିବାସୀଙ୍କୁ ତାଙ୍କର ଜୀବିକା ସାଧନ ହରାଇବା ସ୍ୱରୂପ ଅଧିକ ମୂଲ୍ୟ ଦେବାକୁ ପଡୁଛି । ପୁନଶ୍ଚ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରୁ ଜଙ୍ଗଲଜାତ ଦ୍ରବ୍ୟ ସବୁ ସଂଗ୍ରହ କରିବା ନେଇ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କର ନିଷେଧାଦେଶ ରହିଛି । ଏଣୁ ଏକ ସ୍ଥାନୀୟ ସ୍ୱତନ୍ତ୍ର୍ୟ, ସାଂସ୍କୃତିକ ସମ୍ବେଦନଶୀଳତା ଓ ଭାଗିଦାରୀ ବ୍ୟବସ୍ଥା ଯାହାକି ପ୍ରକାରାନ୍ତେ ସ୍ଥାନୀୟ ସାମଗ୍ରିକ ଲାଭ ପାଇଁ ଆର୍ଥିକ ପ୍ରୋତ୍ସାହନ ଦେବା ସହିତ ସଂରକ୍ଷଣ ଓ ଚିରନ୍ତନ ସଂପଦ ବ୍ୟବହାର ପାଇଁ ନିତ୍ୟାନ୍ତ ଆବଶ୍ୟକ ମନେ ହେଲା । ସୁରକ୍ଷିତ ଅଞ୍ଚଳ ପରିଚାଳନା ନିମନ୍ତେ ସ୍ଥାନୀୟ ଲୋକ ଏବଂ ଅନ୍ୟ ଅଂଶୀଦାର ମାନଙ୍କର ସହଯୋଗ ବା ଆସ୍ଥାଭାଜନ ପାଇଁ ଜୈବମଣ୍ଡଳ ବିକାଶ ହେଉଛି ଏକ କୌଶଳ । ଜୈବମଣ୍ଡଳ ବିକାଶ ପରିଯୋଜନା ମାଧ୍ୟମରେ ଏପରି କାର୍ଯ୍ୟକ୍ରମ

ମାନ ହାତକୁ ନିଆଯିବା ଉଚିତ୍, ଯେପରି ଏହା ସଂରକ୍ଷଣ ଏବଂ ବିକାଶକୁ ପରସ୍ପର ସହିତ ସହବନ୍ଧିତ କରିପାରୁଥିବ ଯଥା ପରିବେଶୀୟ ପର୍ଯ୍ୟଟନ, ଅଣକୃଷି କାର୍ଯ୍ୟକ୍ରମ ସମେତ ସ୍ଥାନୀୟ ଜୈବ୍ୟ ବସ୍ତୁତ୍ୱତା ଉପରେ ନିର୍ଭରଶୀଳ ସ୍ୱତନ୍ତ୍ର ବିକଳ୍ପ ମାନ ହାତକୁ ନିଆଯିବା ଉଚିତ୍ ।

ପରିବେଶ, ଜୀବିକା ଓ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ସୂଦୀର୍ଘ ସମୁଦ୍ର ଉପକୂଳରେ ଥିବା ଜୈବ ବିବିଧତାରେ ସମୃଦ୍ଧ ହେନ୍ତାଳବଣ/ଲୁଣା ଜଙ୍ଗଲର ମୂଲ୍ୟ ଅନେକ । ଏହି ପ୍ରମୁଖ ତଥା ଜୀବନ ରକ୍ଷାକାରୀ ସଂପଦର ଚିରନ୍ତନ ପରିଚାଳନା ନିମନ୍ତେ ସମସ୍ତ ଅଂଶୀଦାର ମାନଙ୍କର ସହଯୋଗ ଏବଂ ସ୍ଥାନୀୟ ସ୍ୱତନ୍ତ୍ରତାକୁ ଭିତ୍ତିକରି ଭାଗୀଦାରି ପରିଚାଳନା ବ୍ୟବସ୍ଥାର ନିତାନ୍ତ ଆବଶ୍ୟକତା ରହିଛି । ହେନ୍ତାଳ ବଣ ହେଉଛି ଲବଣ ସହାନୁଶୀଳତା ଗୁଣ ଥିବା ଏକ ଭଙ୍ଗୁର ଏବଂ ଅନ୍ତବ୍ୟବସ୍ଥାର ନିତାନ୍ତ ଆବଶ୍ୟକତା ରହିଛି । ହେନ୍ତାଳ ବଣ ହେଉଛି ଲବଣ ସହାନୁଶୀଳତା ଗୁଣ ଥିବା ଏକ ଭଙ୍ଗୁର ଏବଂ ଅନ୍ତ ଜୁଆରିଆ ପରିସଂସ୍ଥା । ଭାଗୀଦାର ବ୍ୟବହାରିକ ଗୋଷ୍ଠୀଙ୍କ ମଧ୍ୟରେ ଜଙ୍ଗଲଜାତ ଦ୍ରବ୍ୟର ବଣ୍ଟନ ହେଉଛି ଯୁଗ୍ମ ଜଙ୍ଗଲ ପରିଚାଳନାର ଏକ ପ୍ରମୁଖ ଉପାଦାନ । କିନ୍ତୁ ମନ୍ଥର ଗତିରେ ବଢୁଥିବା ହେନ୍ତାଳ ବଣର କାଷ୍ଠ ଓ ଅଣକାଷ୍ଠ ଦ୍ରବ୍ୟ ଯୋଗାଇବାର ପରିସର ସୀମିତ ଯାହା ହୁଏତ ଲୋକଙ୍କ ଭାଗିଦାରିତାକୁ ନିଶ୍ଚିତ କରିବାପାଇଁ ପ୍ରୋତ୍ସାହକ ହୋଇଥାନ୍ତା। ଏଣୁ ଏପରି ଜୈବମଣ୍ଡଳ ବିକାଶ ଅବଶ୍ୟକ ଯାହା ବିକଳ୍ପ ସମ୍ବଳ ଓ ବିକଳ୍ପ ସୁରକ୍ଷିତ ଜୀବିକାର ବିକାଶ ଉପରେ ଧ୍ୟାନ ଦେବ ।

ଯୁଗ୍ମ ଜଙ୍ଗଲ ପରିଚାଳନା ହେଉଛି ଏକ ବିକଶିତ ସଂକଳ୍ପ ନାମା ଯାହାକି ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଦିଗକୁ ଧରି ରଖିଛି । ବିଗତ ଦିନମାନଙ୍କରେ ପରିଚାଳନା ଜନିତ ଅନୁଭୂତି, ପରିବର୍ତ୍ତିତ ଜଙ୍ଗଲ ପରିଚାଳନା ପଦ୍ଧତି ଏବଂ କ୍ରମବର୍ଦ୍ଧିଷ୍ଣୁ ଜନ ସଚେତନତାକୁ ଦୃଷ୍ଟିରେ ରଖି ପ୍ରଚଳିତ 'ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମା'କୁ ଅଧିକ କ୍ରିୟାଶୀଳ କରାଇବାପାଇଁ ଏହାର ପୁନଃନିରୀକ୍ଷଣର ଆବଶ୍ୟକତା ରହିଛି ।

## ୨. କ୍ଷେତ୍ର ଚିହ୍ନଟ :

(କ) ରାଜ୍ୟର ସମସ୍ତ ଜଙ୍ଗଲକୁ ନିମ୍ନମତେ ଦୁଇ ପ୍ରକାରେ ବର୍ଗିକରଣ କରାଯିବ ।

୧. ବନାଞ୍ଚଳ (ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଏବଂ ରାଜସ୍ୱ ଜଙ୍ଗଲ) ।

୨. ସୁରକ୍ଷିତ ଅଞ୍ଚଳ (ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ) କେନ୍ଦ୍ରାଞ୍ଚଳ ଏବଂ ଆର୍ଦ୍ର ଲୁଣା ଜଙ୍ଗଲ ବ୍ୟତୀତ ।

(ଖ) ଜଙ୍ଗଲ ନିକଟବର୍ତ୍ତୀ ଯେଉଁ ଗ୍ରାମ ବା ଗ୍ରାମସମୂହର ଅଧିବାସୀ ମାନେ ଜଙ୍ଗଲର ପରିଚାଳନା, ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ଆଗ୍ରହୀ ଥିବେ କିମ୍ବା ସେମାନଙ୍କୁ ଏ କାର୍ଯ୍ୟପାଇଁ ପ୍ରୋତ୍ସାହିତ କରାଯାଇ ପାରିବ କେବଳ ସେହିମାନଙ୍କୁ ଯୁଗ୍ମ ଜଙ୍ଗଲ ପରିଚାଳନାରେ ଅନ୍ତର୍ଭୁକ୍ତ କରାଯିବ ।

(ଗ) ପ୍ରଥମ ପ୍ରକାର ଜଙ୍ଗଲ (କ-୧) ପାଇଁ ଯେତେଦୂର ସମ୍ଭବ ଜଙ୍ଗଲ ସୀମାକୁ ଲାଗି ରହିଥିବା ଗ୍ରାମଗୁଡ଼ିକୁ ପ୍ରଥମେ ବିଚାରକୁ ନିଆଯିବ । ଦ୍ୱିତୀୟ ପ୍ରକାର ଜଙ୍ଗଲ (କ-୨) ପାଇଁ ଜାତୀୟ ଉଦ୍ୟାନ/ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଥିବା ଗ୍ରାମ ତଥା ଏହାର ସନ୍ନିକଟ ଗ୍ରାମଗୁଡ଼ିକୁ ବନ୍ୟପ୍ରାଣୀ ଏବଂ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ଓ ପରିଚାଳନା କାର୍ଯ୍ୟରେ ସଂଶ୍ଳିଷ୍ଟ କରାଯିବ ।

(ଘ) ଯେଉଁ ସଂରକ୍ଷିତ ଜଙ୍ଗଲ ଏବଂ ସୁରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଏବଂ ରାଜସ୍ୱ ଜଙ୍ଗଲର ବୃକ୍ଷ ଛାୟାର ସାନ୍ଦ୍ରତା ଶତକଡ଼ା ୪୦ ଭାଗରୁ କମ୍ ଥିବ ସେଇ ଅଞ୍ଚଳକୁ ଅବକ୍ଷୟିତ ଜଙ୍ଗଲ ଜମି ବୋଲି ଚିହ୍ନିତ କରାଯାଇ ଯୁଗ୍ମ ଜଙ୍ଗଲ ପରିଚାଳନାର ଅନ୍ତର୍ଭୁକ୍ତ କରାଯିବ ।

(ଙ) ଗୋଟିଏ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ' କେତେ ଅଞ୍ଚଳର ଦାୟିତ୍ୱ ଦିଆଯିବ ସେ କଥା ବନଖଣ୍ଡ ଅଧିକାରୀ, ବନ ସଂରକ୍ଷକ, ସମ୍ପୃକ୍ତ ଅଞ୍ଚଳର ବନସୀମା ଅଧିକାରୀ (ରେଞ୍ଜ ଅଫିସର) ଏବଂ ବନପାଳମାନେ ମିଶି ଏକ କମିଟି, ଏହାପରେ ବନଖଣ୍ଡ ସ୍ତରୀୟ କମିଟି (DLC) ବୋଲି କୁହାଯିବ, ଗଠନ କରି ସ୍ଥିରକରିବେ । ଏ କଥା ସ୍ଥିର କଲାବେଳେ ବିଭାଗୀୟ ଅଧିକାରୀ ସେ ଅଞ୍ଚଳରେ କେତେ ପରିମାଣର ଜଙ୍ଗଲ ଓ ଜଙ୍ଗଲର ଘନତା ଅଛି, ଆଖ ପାଖରେ ଥିବା ଗ୍ରାମସଂଖ୍ୟା, ସେମାନଙ୍କର ବିବାଦୀୟ ଦାବି ଯଦି କିଛି ଥାଏ ଏବଂ ସେମାନେ ଜଙ୍ଗଲ ଉପରେ କେତେ ନିର୍ଭରଶୀଳ ଇତ୍ୟାଦି ବିଷୟ ବିଚାରକୁ ନେବା ଉଚିତ୍ । ଯଦି କେତେଗୁଡ଼ିଏ ଗାଁ ଏକାଠି ହୋଇ ଗୋଟିଏ "ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି" ଗଠନ କରିବାକୁ ସ୍ଥିର କରନ୍ତି ତାହା ହେଲେ ସେମାନଙ୍କୁ ସେମାନଙ୍କର ଦକ୍ଷତା ମୁତାବକ ବୃହତ୍ ଅଞ୍ଚଳର ଦାୟିତ୍ୱ ନ୍ୟସ୍ତ କରାଯିବା ଉଚିତ୍ ।

## ୩. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ :

(୧) ସାଧାରଣ ଭାବେ ଗୋଟିଏ ଗ୍ରାମ ଅଥବା ଗ୍ରାମସମୂହ ପାଇଁ ଗୋଟିଏ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି' ରହିବ। ଏହା ବ୍ୟତୀତ ସାହି/ବସ୍ତିର ସଂଖ୍ୟା ଏବଂ ଜନସଂଖ୍ୟା ତଥା ଗୋଷ୍ଠୀ ସଂରଚନା ଆଧାରରେ ସୁସଂହତ ସହାବସ୍ଥାନ ନିମିତ୍ତ ଏକାଧିକ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ କରାଯାଇ ପାରିବ । ପ୍ରଥମ ପ୍ରକାରର ଜଙ୍ଗଲ ପାଇଁ (ପାରା କ-୧) ଗଠିତ ହୋଇଥିବା କମିଟିକୁ **'ବନ ସଂରକ୍ଷଣ ସମିତି'** କୁହାଯିବ । ଦ୍ୱିତୀୟ ପ୍ରକାର ଜଙ୍ଗଲ (ପାରା-କ-୨) ଅଞ୍ଚଳ ପାଇଁ ଗଠିତ କମିଟିକୁ **'ଜୈବମଣ୍ଡଳ ବିକାଶ ସମିତି'** କୁହାଯିବ ।

(୨) **କ-**(ପାରା ୧-ଗ) ରେ ବର୍ଣ୍ଣିତ ଗ୍ରାମ/ସାହି/ଗ୍ରାମସମୂହର ସମସ୍ତ ସା-ବାଳକ ସଦସ୍ୟ/ସଦସ୍ୟା ମାନଙ୍କର ଏକ ସଭା ଡକାଇବା ପାଇଁ ବନପାଳ (ଫରେଷ୍ଟର) ପାହ୍ୟାରୁ ନିମ୍ନ ପାହ୍ୟାର ହୋଇନଥିବା ଯେ କୌଣସି ବନ ଅଧିକାରୀ ଗ୍ରାମ ପଞ୍ଚାୟତକୁ ଅନୁରୋଧ କରିବେ ।

ଖ- ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟ ଏବଂ ବନ ବିଭାଗର ଅଧିକାରଙ୍କ ଦାୟିତ୍ୱ ସମେତ ଯୁଗ୍ମ ଜଙ୍ଗଲ ପରିଚାଳନା ସମ୍ପର୍କୀତ ଧାରଣା ଏହି ସଭାରେ ସମସ୍ତଙ୍କୁ ବୁଝାଇ ଦିଆଯିବ ।

ଗ- ଯଦି ସେହି ଗ୍ରାମ/ସାହି/ଗ୍ରାମସମୂହର ଅତି କମ୍‌ରେ ୬୦ ପ୍ରତିଶତ ସାବାଳକ ସଦସ୍ୟ/ସଦସ୍ୟା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ କରିବାକୁ ସହମତି ପ୍ରକାଶ କରନ୍ତି, ତାହା ହେଲେ ସେହି ସଭାରେ ଏହି ମର୍ମରେ ନିର୍ଦ୍ଦିଷ୍ଟ ପ୍ରପତ୍ର (ଫର୍ମ-୧) ମୁତାବକ ଗୋଟିଏ ସଂକଳ୍ପ ପାରିତ ଓ ଗୃହୀତ।

ଘ- ପ୍ରପତ୍ର-୨ ମୁତାବକ ବନପାଳ / ବନସୀମା ଅଧିକାରୀ ନିଜର ସୁପାରିଶ ସହ ସଭାର ସଂକଳ୍ପକୁ ସଂପୃକ୍ତ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ବିଚାର ଓ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ ନିମନ୍ତେ ପଠାଇବେ ।

ଙ- ବନଖଣ୍ଡ ସ୍ତରୀୟ କମିଟିରେ ପ୍ରସ୍ତାବ ସମ୍ପର୍କୀତ ଆଲୋଚନା ହେବ । ସମସ୍ତ ଆନୁସଙ୍ଗିକ ପ୍ରସଙ୍ଗକୁ ବିଚାର କରି ତଥା ଗ୍ରାମବାସୀମାନଙ୍କର ସହଯୋଗୀ ମନୋଭାବକୁ ଆକଳନ କରି  କମିଟି ନିର୍ଦ୍ଧାରିତ କରାଯାଇଥିବା ଜଙ୍ଗଲ ଅଞ୍ଚଳ ସହ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ ପାଇଁ ସୁପାରିଶ କରିପାରନ୍ତି । ଏହି ସଭାର ବିବରଣୀ ଲେଖାଯାଇ ସମସ୍ତ ଭାଗୀଦାରଙ୍କ ଦସ୍ତଖତ ହେବ ଏବଂ ଉଦ୍ଦିଷ୍ଟ ଫାଇଲ୍ ଉପଲବ୍ଧ ହେବ। ଏହାପରେ ପଞ୍ଜିକରଣ ସଂଖ୍ୟା ଓ ନିର୍ଦ୍ଧାରିତ ଅଞ୍ଚଳ ଉଲ୍ଲେଖ ଥାଇ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ ସଂକ୍ରାନ୍ତୀୟ ଏକ ଆଦେଶନାମା ବନଖଣ୍ଡ ଅଧିକାରୀ ଜାରି କରିବେ ।୩.  ଗ୍ରାମ/ଗ୍ରାମସମୁହର  ସମସ୍ତ ସାବାଳକ /ସାବାଳିକା ମାନେ ଜଣକା ୧  ଟଙ୍କା ଲେଖାଏ ନାମାଙ୍କନ ଦେୟ ପୈଠ କରି 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟ' ହେବାପାଇଁ ଯୋଗ୍ୟ ହେବେ । ଯଦି ଶତକଡ଼ା ୬୦ ଭାଗ ସାବାଳକ ଏହାର ସଭ୍ୟଭୁକ୍ତ ହେବେ ତେବେ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି' କାର୍ଯ୍ୟକ୍ଷମ ହୋଇପାରିବ ।

୪.  ସମ୍ପୃକ୍ତ ଜଙ୍ଗଲର ବନପାଳ କିମ୍ବା ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ଗ୍ରାମ୍ୟ ବନକର୍ମଚାରୀ ଉକ୍ତ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ପଦପ୍ରଯୁକ୍ତ ସଂପାଦକ ରହିବେ । କାର୍ଯ୍ୟନିର୍ବାହୀ ସମିତିର ନିର୍ବାଚିତ ସଭାପତି ଓ ଉପସଭାପତି, ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଭାପତି ଓ ଉପସଭାପତି ହେବେ ।

## ୪. କାର୍ଯ୍ୟନିର୍ବାହୀ ସମିତି ଗଠନ

କ. 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି' ଗଠନ ପାଇଁ ବନଖଣ୍ଡ ଅଧିକାରୀଙ୍କ ଠାରୁ ଆଦେଶ ପତ୍ର ପାଇଲା ପରେ ସଦସ୍ୟ ସଂପାଦକ, ଗ୍ରାମ ପଞ୍ଚାୟତର ସରପଞ୍ଚ / ୱାର୍ଡ଼ ମେମ୍ବର ଏବଂ ସାହି / ଗ୍ରାମସମୁହର ମୁଖ୍ୟ ଲୋକଙ୍କ ସହ ଯୋଗାଯୋଗ କରି କାର୍ଯ୍ୟନିର୍ବାହୀ ସମିତିର ନିର୍ବାଚନ ପାଇଁ ଗ୍ରାମସଭାର ସାଧାରଣ ବୈଠକ ଡକାଇବେ ।

ଖ. କାର୍ଯ୍ୟନିର୍ବାହୀ ସମିତି ଗଠନ ପାଇଁ ; ସଭାପତି, ଉପସଭାପତି, କୋଷାଧକ୍ଷଙ୍କ ସହ ଆଉ ୮ଜଣ ସଭ୍ୟଙ୍କୁ ମିଶାଇ ମୋଟ ୧୧ ଜଣ ସଦସ୍ୟ ସାଧାରଣ ବୈଠକରେ ନିର୍ବାଚିତ ହେବେ । ସେଥି ମଧ୍ୟରୁ ଅନ୍ୟୁନ ୫ ଜଣ ମହିଳା ସଦସ୍ୟ ଥିବେ । ଅନୁସୂଚିତ ଜାତି / ଜନ ଜାତି ସଦସ୍ୟଙ୍କ ସଂଖ୍ୟା ସେହି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିରେ ସେମାନଙ୍କର ସଦସ୍ୟ ସଂଖ୍ୟାର ସମାନୁପାତିକ ହେବ ।

ଗ. ସଭାପତି କିମ୍ବା ଉପସଭାପତିଙ୍କ ମଧରୁ ଜଣେ ମହିଳା ହେବେ ।

ଘ. କାର୍ଯ୍ୟନିର୍ବାହୀ ସମିତି ଗଠନର ସ୍ୱରୂପ ନିମ୍ନମତେ ହେବ:

| | | | |
|---|---|---|---|
| ୧. | ସଭାପତି | ୧ | ନିର୍ବାଚିତ ସଦସ୍ୟ |
| ୨. | ଉପସଭାପତି | ୧ | ନିର୍ବାଚିତ ସଦସ୍ୟ |
| ୩. | କୋଷାଧକ୍ଷ | ୧ | ନିର୍ବାଚିତ ସଦସ୍ୟ |
| ୪. | ୱାର୍ଡ଼ ମେମ୍ବର (ଜଣେ ବା ଅଧିକ) | - | ପଦ ପ୍ରଯୁକ୍ତ ସଦସ୍ୟ (ଜଣେ ବା ଅଧିକ) |
| ୫. | ସଦସ୍ୟ | ୭ | ନିର୍ବାଚିତ ସଦସ୍ୟ |
| ୬. | ବନପାଳ / ବନକର୍ମଚାରୀ (ସଦସ୍ୟ ସଚିବ) | - | ପଦପ୍ରଯୁକ୍ତ ସଦସ୍ୟ |
| ୭. | ସମ୍ପୃକ୍ତ ବନରକ୍ଷୀ | - | ପଦପ୍ରଯୁକ୍ତ ସଦସ୍ୟ |
| ୮. | ଗାଁ ମୁଖିଆ (Village opinion leader) | ୧ | ନିର୍ବାଚିତ ସଦସ୍ୟ |

ଙ. ସମ୍ପୃକ୍ତ ବନସୀମା ଅଧିକାରୀ (ରେଞ୍ଜ ଅଫିସର) କାର୍ଯ୍ୟନିର୍ବାହୀ ସମିତି ଗଠନ କରିବାର ନିର୍ବାଚନରେ ନିର୍ବାଚନ ଅଧିକାରୀ ରୂପେ କାର୍ଯ୍ୟ କରିବେ । ଉପରେ ପାରା ଖ ଅନୁଯାୟୀ କାର୍ଯ୍ୟ ନିର୍ବାହୀ ସମିତିରେ ପ୍ରତିନିଧିତ୍ୱ ପାଇଁ ଉଲ୍ଲିଖିତ ସଂରକ୍ଷଣ ସୁନିଶ୍ଚିତ କରିବା ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ହେବ ।

ଚ. ନିର୍ବାଚିତ କାର୍ଯ୍ୟନିର୍ବାହୀ ସମିତିର କାର୍ଯ୍ୟକାଳ ଏକ କାଳୀନ ୩ ବର୍ଷ ହେବ।

## ୫. ସଭା

### କ. ସାଧାରଣ ପରିଷଦ

୧. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସାଧାରଣ ପରିଷଦ ବୈଠକ ଅତି କମ୍‌ରେ ୬ ମାସରେ ଥରେ ଅନୁଷ୍ଠିତ ହେବ । ଆବଶ୍ୟକତା ଅନୁସାରେ ମଧ୍ୟ ବୈଠକ ଡକା ଯାଇ ପାରିବ ।

୨. ସାଧାରଣ ପରିଷଦ ବୈଠକ ବସିବାର ଏକ ସପ୍ତାହ ପୂର୍ବରୁ ସଭାପତି ବିଜ୍ଞପ୍ତି ପ୍ରକାଶ କରିବେ ।

୩. ସଭାପତି କିମ୍ବା ଉପସଭାପତି, ଯଦି ପୂର୍ବ ଜଣକ ଅନୁପସ୍ଥିତ ଥାନ୍ତି, ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି (ସାଧାରଣ ବୈଠକ)ର ସମସ୍ତ ସଭାରେ ସଭାପତିତ୍ୱ କରିବେ ।

୪. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ୫୦ ପ୍ରତିଶତ ସଦସ୍ୟଙ୍କୁ ନେଇ ସାଧାରଣ ପରିଷଦର କୋରମ୍ ହେବ, ଯାହାର ଅତି କମ୍‌ରେ ୪୦ ଶତକଡ଼ା ମହିଳା ଥିବେ ।

୫. ସ୍ୱତନ୍ତ୍ର ପରିସ୍ଥିତିରେ କମିଟର ଏକ ତୃତୀୟାଂଶ ସଦସ୍ୟ ରାଜି ହୋଇ ସଭାପତିଙ୍କୁ ଲିଖିତ ଆକାରରେ ଜଣାଇଲେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସ୍ୱତନ୍ତ୍ର ସଭା ଡକାଯାଇ ପାରିବ । ଯଦି ସଭାପତି ଏ ସଭା ନ ଡକାନ୍ତି ତେବେ ସଦସ୍ୟ ସଚିବ ସଂପୃକ୍ତ ବନସୀମା ଅଧିକାରୀ (ରେଞ୍ଜ ଅଧିକାରୀ) ଙ୍କ ଅନୁମୋଦନ ନେଇ ସଭା ଡକାଇ ପାରିବେ । ଏହିପରି ସମସ୍ତ ପରିସ୍ଥିତିରେ ବିଜ୍ଞପ୍ତି ମାଧ୍ୟମରେ ସଭାର ଉଦ୍ଦେଶ୍ୟ ସଂପର୍କରେ ଉଲ୍ଲେଖ କରି ୩ ଦିନ ପୂର୍ବରୁ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି'ର ସଦସ୍ୟମାନଙ୍କୁ ସୁଚନା ଦିଆଯିବ ।

୬. ସଭାର ସମସ୍ତ ବିବରଣୀ ଗୋଟିଏ ପୁସ୍ତିକାରେ ଓଡ଼ିଆ ଭାଷାରେ ଲିପିବଦ୍ଧ ହେବ ଏବଂ ସଦସ୍ୟ ସଚିବ ଏହାକୁ ଲିପିବଦ୍ଧ କରିବେ । ଏହିପରି ସଭାରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ସଂକଳ୍ପ ଆକାରରେ ଲିପିବଦ୍ଧ କରାଯାଇ ସଭାପତି, ଉପସଭାପତି ଏବଂ ସଦସ୍ୟ ସଚିବଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ । ସଂକଳ୍ପନାମାର ଏକକିତା ଲେଖାଏଁ ନକଲ ସଂପୃକ୍ତ ବନସୀମା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କ ପାଖକୁ ପଠାଯିବ ।

୭. ଚଳିତ କାର୍ଯ୍ୟନିର୍ବାହୀ ସମିତିର କାର୍ଯ୍ୟ କାଳ ଶେଷ ହେବାର ଅନ୍ତତଃ ଏକ ମାସ ପୂର୍ବରୁ ସାଧାରଣ ପରିଷଦ ବୈଠକରେ ପରବର୍ତ୍ତୀ କାର୍ଯ୍ୟନିର୍ବାହୀ ସମିତି ନିର୍ବାଚିତ କରାଯିବ । ସଭା ଡକାଇବା ସଭାପତିଙ୍କ ପାଇଁ ବାଧ୍ୟତା ମୂଳକ ଅଟେ ।

**ଖ. କାର୍ଯ୍ୟନିର୍ବାହୀ ସମିତିର ବୈଠକ :-**

୧. ସଭାପତିଙ୍କ ଅନୁମତି କ୍ରମେ ସଦସ୍ୟ ସଚିବ ଅତି କମ୍‌ରେ ପ୍ରତି ଦୁଇମାସରେ ଥରେ କାର୍ଯ୍ୟନିର୍ବାହୀ ସମିତିର ବୈଠକ ଡାକିବେ ।

୨. ସଭାପତି ଏ ବୈଠକରେ ସଭାପତିତ୍ୱ କରିବେ । ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି ତାଙ୍କ କାର୍ଯ୍ୟ ତୁଲାଇବେ ।

୩. କାର୍ଯ୍ୟକାରୀ ସମିତିର ଯେ କୌଣସି ସଭାରେ କୋରମ ପାଇଁ ମୋଟ ସଭ୍ୟଙ୍କ ମଧ୍ୟରୁ ୫୦ଭାଗ ଉପସ୍ଥିତ ରହିବା ଆବଶ୍ୟକ, ସେମାନଙ୍କ ମଧ୍ୟରୁ ଅତି କମ୍‌ରେ ୨ଜଣ ମହିଳା ଥିବେ।

୪. ସଦସ୍ୟ ସଚିବ କିମ୍ବା ତାଙ୍କ ଅନୁପସ୍ଥିତିରେ କୋଷାଧ୍ୟକ୍ଷ ଅବା ବନରକ୍ଷୀ ଏକ ପୁସ୍ତିକାରେ ସଭାର ବିବରଣୀ ଓଡ଼ିଆରେ ଲିପିବଦ୍ଧ କରିବେ । ସଭାରେ ଅଂଶଗ୍ରହଣ କରିଥିବା ସମସ୍ତ ସଦସ୍ୟ ଏଥିରେ ଦସ୍ତଖତ କରିବେ । ବିବରଣୀର ଏକକିତା ଲେଖାଏଁ ନକଲ ସଂପୃକ୍ତ ବନସୀମା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ପଠାଯିବ ।

**୬. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କର୍ତ୍ତବ୍ୟ ଓ ଦାୟିତ୍ୱ :-**

କ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟମାନେ ବ୍ୟକ୍ତିଗତ ଭାବେ ଅବା ସମୂହ ଭାବେ ଜଙ୍ଗଲରୁ ଅବୈଧ ଗଛକଟା, ଜଙ୍ଗଲଜାତ ଦ୍ରବ୍ୟର ଚୋରି, ନିଆଁ ଲାଗିବା, ପଶୁଚାରଣ ଦାଉରୁ ସୁରକ୍ଷା ଦେବା ସହ ବନ୍ୟଜନ୍ତୁ ଶୀକାର ଓ ଜଙ୍ଗଲ ଜବର ଦଖଲକୁ ପ୍ରତିରୋଧ କରିବେ । ସେମାନଙ୍କ ପାଇଁ ନିର୍ଦ୍ଧାରିତ ଜଙ୍ଗଲ ବାହାରେ ରହୁଥିବା ବନ୍ୟଜନ୍ତୁମାନଙ୍କୁ ମଧ୍ୟ ସେମାନେ ସୁରକ୍ଷା ପ୍ରଦାନ କରିବେ ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଜଙ୍ଗଲରେ ପହରା ଦେବା ସହିତ ଜଙ୍ଗଲ ଭିତରକୁ ମଣିଷ ତଥା ଗାଈ ଗୋରୁଙ୍କ ପ୍ରବେଶକୁ ନିୟନ୍ତ୍ରଣ କରିବେ ।

ଗ. ବନ ତଥା ବନ୍ୟଜନ୍ତୁ ଅପରାଧକୁ ରୋକିବା ଏବଂ ତତ୍ ସଂପର୍କୀୟ ଗୁପ୍ତ ତଥ୍ୟ ଜଙ୍ଗଲ ଅଧିକାରୀମାନଙ୍କୁ ପ୍ରଦାନ କରିବା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟଙ୍କ କର୍ତ୍ତବ୍ୟ ହେବ ।

ଘ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟମାନେ ସନ୍ଦିଗ୍ଧ ଜଙ୍ଗଲ ଅପରାଧୀଙ୍କୁ ଧରିବାରେ ସହଯୋଗ କରିବେ ଏବଂ ସେମାନଙ୍କ ବିରୁଦ୍ଧରେ ଆଇନ ଅଦାଲତରେ ଉପଯୁକ୍ତ ପ୍ରମାଣ ପ୍ରଦାନ କରିବେ ।

ଙ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟମାନେ ଜଙ୍ଗଲ ସୀମା ଖୁଣ୍ଟି ଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କୁ ସହାଯ୍ୟ ସହଯୋଗ କରିବେ ।

ଚ. ପ୍ରଦତ୍ତ ଜଙ୍ଗଲର ବନ୍ୟଜନ୍ତୁ ମାନଙ୍କର ସୁରକ୍ଷା, ବିକାଶ ଓ ଚିରନ୍ତନ ପରିଚାଳନା ସହ ଗ୍ରାମ / ଗ୍ରାମସମୂହ ଗୁଡ଼ିକର ସମ୍ମିଳିତ ବିକାଶ ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ବାର୍ଷିକ କାର୍ଯ୍ୟପନ୍ଥା ଏବଂ ଅଣୁ ଯୋଜନା ପ୍ରସ୍ତୁତ କରିବେ । ଅଣୁଯୋଜନାର ସାରକଥା ଓଡ଼ିଆରେ ଉପଲବ୍ଧ ହେବ ।

ଛ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଯେପରି ଧିରେ ଧିରେ ଲୋକମାନଙ୍କର ଜଙ୍ଗଲ ଉପରେ ନିର୍ଭରଶୀଳତା କମିବ ତାହା ସୁନିଶ୍ଚିତ କରିବ ।

ଜ. ସାଧାରଣ ସଂଖ୍ୟା ଗରିଷ୍ଠ ସଭ୍ୟଙ୍କ ଉପସ୍ଥିତି ଓ ମତଦାନ ଦ୍ୱାରା ଯେ କୌଣସି ନିର୍ବାଚିତ (ଅଣ-ସରକାରୀ) କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କୁ ବହିସ୍କାର ଏବଂ/ କିମ୍ବା ବଦଳି କରିବାର କ୍ଷମତା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ରହିଛି, ଯଦି ସେହି ନିର୍ଦ୍ଦିଷ୍ଟ ସଭ୍ୟ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଉ ନାହାଁନ୍ତି । ସାଧାରଣ ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ଉପସ୍ଥିତି ଓ ମତଦାନ ଦ୍ୱାରା ସଭାପତିଙ୍କୁ ବହିସ୍କାର କିମ୍ବା ବଦଳ କରିବାର ମଧ୍ୟ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟଙ୍କ କ୍ଷମତା ରହିଛି, ଯଦି ସେ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିପାରୁ ନଥିବେ । ଏ କ୍ଷେତ୍ରରେ ପାରା ୫-କ-୫ରେ ବର୍ଣ୍ଣିତ ପ୍ରକ୍ରିୟା ଅନୁଯାୟୀ ସାଧାରଣ ପରିଷଦ ବୈଠକ ଡକାହେବ । ସଂପୃକ୍ତ ବନସୀମା ଅଧିକାରୀ ଏ ସବୁ କ୍ଷେତ୍ରରେ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟକରିବେ ।

ଝ. ଯଦି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଦାୟିତ୍ୱରେ ଥିବା କୌଣସି ଜଙ୍ଗଲ ଜମିକୁ ଜଙ୍ଗଲ ସଂରକ୍ଷଣ ଆଇନ୍ ୧୯୮୦ ବଳରେ ଅଣଜଙ୍ଗଲ କାର୍ଯ୍ୟରେ ନିୟୋଜିତ କରିବାର ପ୍ରସ୍ତାବ ଆସେ ତେବେ ବନସୀମା ଅଧିକାରୀ, କାର୍ଯ୍ୟନିର୍ବାହୀ ସମିତିକୁ ଏ ସଂପର୍କରେ ଲିଖିତ ଆକାରରେ ଜଣାଇବେ ଏବଂ ମତାମତ ଲୋଡ଼ିବେ । କାର୍ଯ୍ୟନିର୍ବାହୀ ସମିତି ଏ ପ୍ରସ୍ତାବ ସଂପର୍କରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ସବିଶେଷ ଆଲୋଚନା କରିବେ ଏବଂ ସମ୍ପୃକ୍ତ ବନସୀମା ଅଧିକାରୀଙ୍କୁ ମତାମତ ଜଣାଇବେ, ପରେ ତାକୁ ସିଏ ବନଖଣ୍ଡ ଅଧିକାରୀଙ୍କ ପାଖକୁ ପଠାଇବେ । ସଂପୃକ୍ତ ବନଖଣ୍ଡ ଅଧିକାରୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ରାଜ୍ୟ ସରକାର / କେନ୍ଦ୍ରସରକାରଙ୍କ ନିକଟକୁ ବିଚାରାର୍ଥେ ସୁପାରିଶ କଲାବେଳେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ମତାମତକୁ ଏଥି ସହ ସଂଲଗ୍ନ କରିବେ ।

## ୭. କାର୍ଯ୍ୟନିର୍ବାହୀ ସମିତିର କର୍ତ୍ତବ୍ୟ ଓ ଦାୟିତ୍ୱ :-

କ. ସଂକଳ୍ପ ନାମାର ବିଧିବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟନିର୍ବାହୀ ସମିତି, ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଦୈନନ୍ଦିନ କାର୍ଯ୍ୟକ୍ରମ ପରିଚାଳନା କରିବେ । ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ଅଣୁ ଯୋଜନା, ବାର୍ଷିକ ଯୋଜନା ତଥା ଅନ୍ୟାନ୍ୟ ନିଷ୍ପତ୍ତିକୁ କାର୍ଯ୍ୟକାରୀ ଓ ପରିଚାଳନା କରିବା କାର୍ଯ୍ୟନିର୍ବାହୀ ସମିତିର ଦାୟିତ୍ୱ ଅଟେ ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଉପରେ ନ୍ୟସ୍ତ କରାଯାଇଥିବା ଜଙ୍ଗଲ ସୁରକ୍ଷା ତଥା ସନ୍ଦିଗ୍ଧ ଅପରାଧୀଙ୍କ ଦାଉରୁ ଜଙ୍ଗଲକୁ ରକ୍ଷାକରିବା ପାଇଁ  କାର୍ଯ୍ୟନିର୍ବାହୀ ସମିତି ଦାୟୀ ରହିବେ । ଯଦି ବନ ସଂରକ୍ଷଣ ସମିତି/ଜୈବମଣ୍ଡଳ ବିକାଶ ସମିତିର ସଦସ୍ୟମାନେ ଜଙ୍ଗଲ ଅପରାଧକୁ ଠାବ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଏବଂ ନିଜର ଗ୍ରାମସୀମା ମଧ୍ୟରେ ଚୋରା ଜଙ୍ଗଲଜାତ ଦ୍ରବ୍ୟ ଜବତ କରନ୍ତି ତେବେ ପାରା-୧୧(ଗ) ଏବଂ (ଘ) ମୁତାବକ ସେମାନେ ଏହି ଜବତ ଜିନିଷ ମୂଲ୍ୟର ଏକ ନିର୍ଦ୍ଦିଷ୍ଟ ଭାଗ ପାଇବେ (କେବଳ ବନ୍ୟଜନ୍ତୁଙ୍କ ଅଂଶ ବିଶେଷ ବ୍ୟତୀତ) ।ଗ. କାର୍ଯ୍ୟ ନିର୍ବାହୀ ସମିତି ସାଧାରଣ ପରିଷଦର ପରାମର୍ଶ କ୍ରମେ ସଭ୍ୟ ପଦ, ଦ୍ୱନ୍ଦ୍ୱ ସମାଧାନ, ଜବର ଦଖଲ, ପାରମ୍ପରିକ ଅଧିକାର, ଲାଭାଂଶ ବଣ୍ଟନର ସମ୍ପର୍କୀତ ସମସ୍ତ ବିଷୟରେ କାର୍ଯ୍ୟଧାରା ନିର୍ଦ୍ଧାରଣ କରିବେ ।

ଘ. ପରିଚାଳନା ଯୋଜନା/ଅଣୁଯୋଜନାକୁ ଭିତ୍ତିକରି ଯେତେବେଳେ ବନସୀମା ଅଧିକାରୀ ଉପଦେଶ ଦେବେ, ବନ ସଂରକ୍ଷଣ ସମିତିର କାର୍ଯ୍ୟନିର୍ବାହୀ ସମିତି ବିଭିନ୍ନ Silviculture operation, ମଧ୍ୟବର୍ତ୍ତୀ ତଥା ଚୁଡ଼ାନ୍ତ ଗଛକଟା କାର୍ଯ୍ୟକାରୀ କରିବେ।

ଙ. ସରକାରୀ ଓ ଅନ୍ୟାନ୍ୟ ସଂସ୍ଥାରୁ ମିଳିଥିବା ଅର୍ଥ ତଥା ଆଭ୍ୟନ୍ତରୀଣ ସୂତ୍ରରୁ ଉପାର୍ଜିତ ନିଜସ୍ୱ ପାଣ୍ଠିର ହିସାବ ପତ୍ର ରଖିବା କ୍ଷେତ୍ରରେ କାର୍ଯ୍ୟନିର୍ବାହୀ ସମିତି ଦାୟୀ ରହିବେ । ଏଥିପାଇଁ ରିଜର୍ଭ ବ୍ୟାଙ୍କ ଇଣ୍ଡିଆ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଯେ କୌଣସି ବ୍ୟବସାୟୀକ ବ୍ୟାଙ୍କ, ଗ୍ରାମୀଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଡାକଘରେ ବନସଂରକ୍ଷଣ ସମିତି/ଜୈବମଣ୍ଡଳ ବିକାଶ ସମିତି ନାମରେ, ଗୋଟିଏ ଜମାଖାତା ଖୋଲାଯିବ । ଏହା ସମିତିର ସଭାପତି ଓ ସଦସ୍ୟ ସଚିବଙ୍କ ମିଳିତ ସ୍ୱାକ୍ଷରରେ ପରିଚାଳିତ ହେବ । ସେହିପରି ସମସ୍ତ ଖର୍ଚ୍ଚବାର୍ଚ୍ଚ ସଂପର୍କିତ ପ୍ରମାଣ ପତ୍ର ମଧ୍ୟ ଉଭୟଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆବଶ୍ୟକ ସ୍ଥଳେ ସଂପୃକ୍ତ ପଦାଧିକାରୀଙ୍କ ପାଖରେ ଉପସ୍ଥାପିତ କରାଯିବ ।

ଚ. ପରିଶିଷ୍ଟ (କ) ରେ ବର୍ଣ୍ଣିତ ବିଧି ଅନୁଯାୟୀ ବନ ସଂରକ୍ଷଣ ସମିତି/ଜୈବମଣ୍ଡଳ ବିକାଶ ସମିତିର ଖୋଲା ଯାଇଥିବା ଜମା ଖାତା ମାଧ୍ୟମରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗ୍ରହଣ କରିଥିବା ପାଣ୍ଠିର ପରିଚାଳନା ପାଇଁ କାର୍ଯ୍ୟନିର୍ବାହୀ ସମିତି ଦାୟୀ ରହିବ ।

ଛ. ଉପଭୋକ୍ତାମାନଙ୍କୁ ଅଧିକ ଲାଭ ପହଞ୍ଚାଇବା ପାଇଁ କାର୍ଯ୍ୟନିର୍ବାହୀ ସମିତି ବିଭିନ୍ନ ଅଣକାଷ୍ଠ ଜଙ୍ଗଲ ଉତ୍ପାଦ ଏବଂ ଅନ୍ୟାନ୍ୟ ଅଣୁ ଶିଳ୍ପ ଉତ୍ପାଦର ବଜାର ସମନ୍ୱୟ ସ୍ଥାପନ କରିବେ ।

## ୮. ଜଙ୍ଗଲ ବିଭାଗର ଭୂମିକା :-

କ. ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳକୁ ଚିହ୍ନିତ କରି ବନସଂରକ୍ଷଣ ସମିତି / କାର୍ଯ୍ୟନିର୍ବାହୀ ସମିତିକୁ ହସ୍ତାନ୍ତର କରିବା ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ପଞ୍ଜିକରଣ କରିବା ସହିତ ସେମାନଙ୍କ ସହ ନିରନ୍ତର ଭାବେ ଯୋଗାଯୋଗ ରକ୍ଷା କରିବା ।

ଗ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସମସ୍ତ କାର୍ଯ୍ୟକ୍ରମ, ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମା ଓ ରାଜ୍ୟ / କେନ୍ଦ୍ର ସରକାରଙ୍କ ପ୍ରଣିତ ଓ ବଳବତ୍ତର ଥିବା ସମସ୍ତ ଆଇନ୍ ମୁତାବକ ପରିଚାଳିତ ହେବାକୁ ସୁନିଶ୍ଚିତ କରିବା ।

ଘ. 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି'ର ସଦସ୍ୟଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିବା ଅପରାଧି ଓ ଅପରାଧରେ ସଂପୃକ୍ତ ଜଙ୍ଗଲଜାତ ଦ୍ରବ୍ୟ ସଂପର୍କରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

ଙ. ଜଙ୍ଗଲ ପରିଚାଳନା ସମ୍ପର୍କିତ ବିଭିନ୍ନ ବିଷୟ, ଯୋଜନା, ବୃକ୍ଷରୋପଣ, ଚାରା ଉତ୍ପାଦନ, ଜଙ୍ଗଲ ଆଇନ୍, ହିସାବ କିତାବ, ପୁସ୍ତକ ସଂରକ୍ଷଣ ଇତ୍ୟାଦି ସଂପର୍କରେ 'ବନ ସଂରକ୍ଷଣ ସମିତି' ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧିକୁ ସୁନିଶ୍ଚିତକରିବା ।

ଚ. ଅଣୁ ଯୋଜନା/ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀ କରିବା ନିମିତ୍ତ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି' ସଦସ୍ୟମାନଙ୍କୁ ଆବଶ୍ୟକୀୟ ଜ୍ଞାନ କୌଶଳ ଯୋଗାଇଦେବା ସହିତ ଏହାକୁ ଅନୁମୋଦନ କରିବା ।

ଛ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ବନସଂରକ୍ଷଣ ସମିତିର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଲାଭାଂଶ ବଣ୍ଟନକୁ ସୁନିଶ୍ଚିତ କରିବା ।

ଙ. ରାଜ୍ୟର ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶୀଦାର ହେବାକୁ ଗ୍ରାମବାସୀମାନଙ୍କୁ ପ୍ରବର୍ତ୍ତାଇବା ଏବଂ ଏହି ଉଦ୍ଦେଶ୍ୟରେ ଗାଁ'ରେ ସଭା ସମିତିମାନ କରିବା ।

ଚ. 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି'ର ନିର୍ବାଚନ ପରିଚାଳନା କରିବା, ଏହାର ନିଷ୍ପତ୍ତି ଏବଂ ଏହାକୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗରେ ମହିଳାମାନଙ୍କ ସହିତ ଦୁର୍ବଳ ଶ୍ରେଣୀକୁ ଯଥାଯଥ ଭାବେ ଅଂଶୀଦାର କରାଇବାକୁ ସୁନିଶ୍ଚିତ କରିବା ।

ଛ. ଅଣୁ ଯୋଜନା ଓ ସଂପୃକ୍ତ ଅଞ୍ଚଳର ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଅନ୍ୟାନ୍ୟ ବିଭାଗ/ସଂସ୍ଥାମାନଙ୍କ ସହ ସମନ୍ୱୟ ରକ୍ଷା କରିବା ।

ଟ. ଆଭ୍ୟନ୍ତରୀଣ କନ୍ଦଳର ସମାଧାନ କରିବା ଓ ସୁଚାରୁ ରୂପେ ନିଜର କର୍ତ୍ତବ୍ୟ ସଂପାଦନ ପାଇଁ କାର୍ଯ୍ୟ ନିର୍ବାହୀ ସମିତିକୁ ଦିଗ୍‌ଦର୍ଶନ ଦେବା ।

## ୯. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ବିଘଟନ, ପୁନର୍ଗଠନ ଓ ଅଧିକ୍ରମଣ-

କ. ବନସୀମା ଅଧିକାରୀଙ୍କ ରିପୋର୍ଟ ଆଧାରରେ ବା ଅନ୍ୟ ପ୍ରକାରରେ ବନଖଣ୍ଡ ଅଧିକାରୀ ହୃଦ୍‌ବୋଧ କରନ୍ତି ଯେ ତାଙ୍କ କର୍ତ୍ତୃତ୍ୱାଧୀନ ଅଞ୍ଚଳରେ ଥିବା ବନସଂରକ୍ଷଣ ସମିତି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ନିୟମକୁ ଉଲଙ୍ଘନ କରୁଛି ଏବଂ ତାର କାର୍ଯ୍ୟକଳାପ ଜଙ୍ଗଲ ପରିଚାଳନା ଓ ସୁରକ୍ଷା ପାଇଁ କ୍ଷତିକାରକ ତେବେ, ସେ ସଂପୃକ୍ତ ବନସଂରକ୍ଷଣ ସମିତିର ବିଲୟନ (ଅପସାରଣ) /ପୁର୍ନଗଠନ ଅଥବା ଅତିକ୍ରମଣ କରିପାରିବେ । ତାପରେ ଉକ୍ତ ଜଙ୍ଗଲ ଅଞ୍ଚଳର ପରିଚାଳନା ଦାୟିତ୍ୱ ଜଙ୍ଗଲ ବିଭାଗକୁ ଅର୍ପଣ କରିପାରିବେ । ଏ ଭଳି ଆଦେଶ ବିରୁଦ୍ଧରେ ବନ ସଂରକ୍ଷକଙ୍କ ପାଖରେ ଆପତ୍ତି କରାଯାଇ ପାରିବ, ଯାହାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ।

ଖ. ଯଦି କୌଣସି ବନସଂରକ୍ଷଣ ସମିତିର କାର୍ଯ୍ୟନିର୍ବାହୀ ସମିତିର କାର୍ଯ୍ୟକଳାପ, ଜଙ୍ଗଲ ପୁର୍ନଜନନ ଏବଂ ପରିଚାଳନା ବିରୋଧୀ ହୋଇଥାଏ ତେବେ ସଂପୃକ୍ତ ବନଖଣ୍ଡ ଅଧିକାରୀ ଏ ସଂପର୍କରେ ଆବଶ୍ୟକୀୟ ଅନୁସନ୍ଧାନ ରିପୋର୍ଟକୁ ଲିପିବଦ୍ଧ କରିବା ପରେ କାର୍ଯ୍ୟନିର୍ବାହୀ ସମିତିକୁ ଭାଙ୍ଗିଦେଇ ଏହାର ପୁନର୍ଗଠନ କରିପାରିବେ । ଏପରି ଆଦେଶ ବିରୁଦ୍ଧରେ ବନସଂରକ୍ଷକଙ୍କ ପାଖରେ ଅପିଲ କରାଯାଇ ପାରିବ, ଯାହାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

ଗ. କାର୍ଯ୍ୟନିର୍ବାହୀ ସମିତିର କୌଣସି ସଦସ୍ୟ / ସଦସ୍ୟାମାନଙ୍କର ଅଥବା କାର୍ଯ୍ୟନିର୍ବାହୀ ସମିତି ଦ୍ୱାରା ନିଯୁକ୍ତ ସବ୍ କମିଟି କାର୍ଯ୍ୟନିର୍ବାହୀ ସମିତିର କୌଣସି ସଦସ୍ୟ / ସଦସ୍ୟାମାନଙ୍କର ଅଥବା କାର୍ଯ୍ୟନିର୍ବାହୀ ସମିତି ଦ୍ୱାରା ନିଯୁକ୍ତ ସବ୍ କମିଟିର କୌଣସି ସଦସ୍ୟ/ସଦସ୍ୟା ମାନଙ୍କର ଅନିୟମିତତା

ସଂପର୍କରେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କଠାରୁ ରିପୋର୍ଟ ପାଇଲେ ଏହି ଅନିୟମିତ ସଂପର୍କିତ ଅନୁସନ୍ଧାନ ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ସଦସ୍ୟ / ସଦସ୍ୟମାନଙ୍କଠାରୁ ବନଖଣ୍ଡ ଅଧିକାରୀ ସାମୟିକଭାବେ କ୍ଷମତା ପ୍ରତ୍ୟାହାର କରିନେଇ ପାରିବେ ।

**୧୦. ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା (ଅଣୁ ଯୋଜନା)-**

କ. କାର୍ଯ୍ୟନିର୍ବାହୀ ସମିତି ଗଠନ ହେଲା ପରେ ସମିତିର ସଦସ୍ୟମାନେ ବନ ସଂରକ୍ଷଣ ସମିତି ଏବଂ ଜଙ୍ଗଲ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ସହଭାଗୀ ହୋଇ ଯଥା ଶୀଘ୍ର ଏକ ଅଣୁଯୋଜନା ପ୍ରସ୍ତୁତ କରିବେ ।

ଖ. ଅଣୁ ଯୋଜନାକୁ ପ୍ରସ୍ତୁତ କଲାବେଳେ ସ୍ଥାନୀୟ ପରିସ୍ଥିତି, ଆବଶ୍ୟକତା ଏବଂ ଆନୁମାନିକ ବାର୍ଷିକ ଆୟକୁ ଆଧାର କରି ତଥା ଗ୍ରାମ/ଗ୍ରାମସମୁହର ସମନ୍ୱିତ ବିକାଶ ଏବଂ ସମ୍ପୃକ୍ତ ଜଙ୍ଗଲର ସଂରକ୍ଷଣ ଓ ପରିପୋଷଣ ତଥା ଅନ୍ୟାନ୍ୟ ବିଭାଗମାନଙ୍କ ସହଯୋଗରେ ନିର୍ଦ୍ଧାରିତ ଢାଞ୍ଚାରେ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯିବ ।

ଗ. ଅଣୁ ଯୋଜନାଟି ସାଧାରଣତଃ ମୃର୍ତ୍ତିକା ସଂରକ୍ଷଣ, ଆର୍ଦ୍ରତା ସଂରକ୍ଷଣ, ବନୀକରଣ, ତତ୍ ଜନିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ଗୋଷ୍ଠିର ଜୀବିକା ସୁରକ୍ଷା ସଂପର୍କିତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବ । ସ୍ଥାନୀୟ ସମ୍ବଳର ଉପଲବ୍ଧତାକୁ ଭିତ୍ତିକରି ଏହା ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷୁଦ୍ର ଶିଳ୍ପଦ୍ୟୋଗ ତିଆରିକୁ ସାମିଲ କରିବା ଆବଶ୍ୟକ । ଜୈବମଣ୍ଡଳ ବିକାଶ ସମିତି, ପରିବେଶ ଉନ୍ନତି ସମ୍ବନ୍ଧୀୟ ଯୋଜନାମାନ ହାତକୁ ନେବା ଉଚିତ୍ ଯେପରିକି, ପରିବେଶ ପର୍ଯ୍ୟଟନ, ଉଦ୍ୟାନ ଭିତ୍ତିକ ଜଙ୍ଗଲ ସୃଷ୍ଟି, ବନାଞ୍ଚଳ ବୃଦ୍ଧି, ବୃକ୍ଷରୋପଣ, ଜାଳେଣି ଦ୍ରବ୍ୟର ଉତ୍ପାଦନ, ଗ୍ରାମାଞ୍ଚଳରେ ଗାଈ ଗୋରୁଙ୍କ ଯତ୍ନ, ମତ୍ସ୍ୟଚାଷର ଉନ୍ନତି, କୁକୁଡ଼ା ଫାର୍ମ, ଛତୁ ଚାଷ, ଏଣ୍ଡିଚାଷ ଭଳି ଅଣୁଲାଭ ସୁବିଧା ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଇତ୍ୟାଦି ।

ଘ. ପ୍ରଚଳିତ ଆଇନ ଆଧାରରେ ଏହି ଅଣୁଯୋଜନା ବନୀକରଣ ପାଇଁ ନିଜ ପସନ୍ଦ ମୁତାବକ ଗଛ ବାଛିବା ସହ ବନୀକରଣର ବିଭିନ୍ନ ପ୍ରତିରୂପ ମଧ୍ୟ ପ୍ରସ୍ତୁତ କରିପାରିବେ । ଏହି ଅଣୁଯୋଜନାରେ ବିସ୍ତୃତଭାବେ ଜଙ୍ଗଲର ପୁର୍ନଜନନ ଓ ଅମଳ ସଂପର୍କରେ ଉଲ୍ଲେଖ ରହିବ । ଏହା ସମୁଦାୟ ସୁରକ୍ଷିତ ଜଙ୍ଗଲର ବନ୍ୟଜନ୍ତୁ ପରିଚାଳନା ଓ କାର୍ଯ୍ୟକାରୀତାର ପରିପୂରକ ହେଉଥିବ ।

ଙ. ସଂଗୃହୀତ ହେବାକୁ ଥିବା ସମସ୍ତ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ବିସ୍ତୃତ ବିବରଣୀ ଏହି ଅଣୁଯୋଜନାରେ ରହିବା ଉଚିତ୍ । ଏହା ସ୍ଥାନୀୟ ଜୈବ ମଣ୍ଡଳର ବହନ କରିବାର କ୍ଷମତା, ଉତ୍ପାଦକତା ଏବଂ ଜୈବ ବିବିଧତା ଆଧାରରେ ପ୍ରସ୍ତୁତ ହେବା ଉଚିତ୍ ।

ଚ. କାର୍ଯ୍ୟନିର୍ବାହୀ ସମିତି ଦ୍ୱାରା ପ୍ରସ୍ତୁତ ଅଣୁ ଯୋଜନା ଚିଠା ସାଧାରଣ ପରିଷଦ ବୈଠକରେ ଆଲୋଚିତ ହୋଇ ଅନୁମୋଦିତ ହେବ ।ଙ. ସମ୍ପୃକ୍ତ ବନସୀମା ଅଧିକାରୀ (ରେଞ୍ଜ ଅଫିସର) କାର୍ଯ୍ୟନିର୍ବାହୀ ସମିତି ଗଠନ କରିବାର ନିର୍ବାଚନରେ ନିର୍ବାଚନ ଅଧିକାରୀ ରୂପେ କାର୍ଯ୍ୟ କରିବେ । ଉପରେ ପାରା ଖ ଅନୁଯାୟୀ କାର୍ଯ୍ୟ ନିର୍ବାହୀ ସମିତିରେ ପ୍ରତିନିଧିତ୍ୱ ପାଇଁ ଉଲ୍ଲିଖିତ ସଂରକ୍ଷଣ ସୁନିଶ୍ଚିତ କରିବା ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ହେବ ।

ଚ. ନିର୍ବାଚିତ କାର୍ଯ୍ୟନିର୍ବାହୀ ସମିତିର କାର୍ଯ୍ୟକାଳ ଏକ କାଳୀନ ୩ ବର୍ଷ ହେବ।

**୫. ସଭା**

**କ. ସାଧାରଣ ପରିଷଦ**

୧. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସାଧାରଣ ପରିଷଦ ବୈଠକ ଅତି କମ୍‌ରେ ୬ ମାସରେ ଥରେ ଅନୁଷ୍ଠିତ ହେବ । ଆବଶ୍ୟକତା ଅନୁସାରେ ମଧ୍ୟ ବୈଠକ ଡକା ଯାଇ ପାରିବ ।

୨. ସାଧାରଣ ପରିଷଦ ବୈଠକ ବସିବାର ଏକ ସପ୍ତାହ ପୂର୍ବରୁ ସଭାପତି ବିଜ୍ଞପ୍ତି ପ୍ରକାଶ କରିବେ ।

୩. ସଭାପତି କିମ୍ୱା ଉପସଭାପତି, ଯଦି ପୂର୍ବ ଜଣକ ଅନୁପସ୍ଥିତ ଥାନ୍ତି, ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି (ସାଧାରଣ ବୈଠକ)ର ସମସ୍ତ ସଭାରେ ସଭାପତିତ୍ୱ କରିବେ ।

୪. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ୫୦ ପ୍ରତିଶତ ସଦସ୍ୟଙ୍କୁ ନେଇ ସାଧାରଣ ପରିଷଦର କୋରମ୍ ହେବ, ଯାହାର ଅତି କମ୍‌ରେ ୪୦ ଶତକଡ଼ା ମହିଳା ଥିବେ ।

୫. ସ୍ୱତନ୍ତ୍ର ପରିସ୍ଥିତିରେ କମିଟର ଏକ ତୃତୀୟାଂଶ ସଦସ୍ୟ ରାଜି ହୋଇ ସଭାପତିଙ୍କୁ ଲିଖିତ ଆକାରରେ ଜଣାଇଲେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସ୍ୱତନ୍ତ୍ର ସଭା ଡକାଯାଇ ପାରିବ । ଯଦି ସଭାପତି ଏ ସଭା ନ ଡକାନ୍ତି ତେବେ ସଦସ୍ୟ ସଚିବ ସଂପୃକ୍ତ ବନସୀମା ଅଧିକାରୀ (ରେଞ୍ଜ ଅଧିକାରୀ) ଙ୍କ ଅନୁମୋଦନ ନେଇ ସଭା ଡକାଇ ପାରିବେ । ଏହିପରି ସମସ୍ତ ପରିସ୍ଥିତିରେ ବିଜ୍ଞପ୍ତି ମାଧ୍ୟମରେ ସଭାର ଉଦ୍ଦେଶ୍ୟ ସଂପର୍କରେ ଉଲ୍ଲେଖ କରି ୩ ଦିନ ପୂର୍ବରୁ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି'ର ସଦସ୍ୟମାନଙ୍କୁ ସୁଚନା ଦିଆଯିବ ।

୬. ସଭାର ସମସ୍ତ ବିବରଣୀ ଗୋଟିଏ ପୁସ୍ତିକାରେ ଓଡ଼ିଆ ଭାଷାରେ ଲିପିବଦ୍ଧ ହେବ ଏବଂ ସଦସ୍ୟ ସଚିବ ଏହାକୁ ଲିପିବଦ୍ଧ କରିବେ । ଏହିପରି ସଭାରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ସଂକଳ୍ପ ଆକାରରେ ଲିପିବଦ୍ଧ କରାଯାଇ ସଭାପତି, ଉପସଭାପତି ଏବଂ ସଦସ୍ୟ ସଚିବଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ । ସଂକଳ୍ପନାମାର ଏକକିତା ଲେଖାଏଁ ନକଲ ସଂପୃକ୍ତ ବନସୀମା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କ ପାଖକୁ ପଠାଯିବ ।

୭. ଚଳିତ କାର୍ଯ୍ୟନିର୍ବାହୀ ସମିତିର କାର୍ଯ୍ୟ କାଳ ଶେଷ ହେବାର ଅନ୍ତତଃ ଏକ ମାସ ପୂର୍ବରୁ ସାଧାରଣ ପରିଷଦ ବୈଠକରେ ପରବର୍ତ୍ତୀ କାର୍ଯ୍ୟନିର୍ବାହୀ ସମିତି ନିର୍ବାଚିତ କରାଯିବ । ସଭା ଡକାଇବା ସଭାପତିଙ୍କ ପାଇଁ ବାଧ୍ୟତା ମୂଳକ ଅଟେ ।

**ଖ. କାର୍ଯ୍ୟନିର୍ବାହୀ ସମିତିର ବୈଠକ :-**

୧. ସଭାପତିଙ୍କ ଅନୁମତି କ୍ରମେ ସଦସ୍ୟ ସଚିବ ଅତି କମ୍‌ରେ ପ୍ରତି ଦୁଇମାସରେ ଥରେ କାର୍ଯ୍ୟନିର୍ବାହୀ ସମିତିର ବୈଠକ ଡାକିବେ ।

୨. ସଭାପତି ଏ ବୈଠକରେ ସଭାପତିତ୍ୱ କରିବେ । ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି ତାଙ୍କ କାର୍ଯ୍ୟ ତୁଲାଇବେ ।

୩. କାର୍ଯ୍ୟକାରୀ ସମିତିର ଯେ କୌଣସି ସଭାରେ କୋରମ ପାଇଁ ମୋଟ ସଭ୍ୟଙ୍କ ମଧ୍ୟରୁ ୫୦ଭାଗ ଉପସ୍ଥିତ ରହିବା ଆବଶ୍ୟକ, ସେମାନଙ୍କ ମଧ୍ୟରୁ ଅତି କମ୍‌ରେ ୨ଜଣ ମହିଳା ଥିବେ।

୪. ସଦସ୍ୟ ସଚିବ କିମ୍ବା ତାଙ୍କ ଅନୁପସ୍ଥିତିରେ କୋଷାଧ୍ୟକ୍ଷ ଅବା ବନରକ୍ଷୀ ଏକ ପୁସ୍ତିକାରେ ସଭାର ବିବରଣୀ ଓଡ଼ିଆରେ ଲିପିବଦ୍ଧ କରିବେ । ସଭାରେ ଅଂଶଗ୍ରହଣ କରିଥିବା ସମସ୍ତ ସଦସ୍ୟ ଏଥିରେ ଦସ୍ତଖତ କରିବେ । ବିବରଣୀର ଏକକିତା ଲେଖାଏଁ ନକଲ ସଂପୃକ୍ତ ବନସୀମା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ପଠାଯିବ ।

**୬. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କର୍ତ୍ତବ୍ୟ ଓ ଦାୟିତ୍ୱ :-**

କ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟମାନେ ବ୍ୟକ୍ତିଗତ ଭାବେ ଅବା ସମୂହ ଭାବେ ଜଙ୍ଗଲରୁ ଅବୈଧ ଗଛକଟା, ଜଙ୍ଗଲଜାତ ଦ୍ରବ୍ୟର ଚୋରି, ନିଆଁ ଲାଗିବା, ପଶୁଚାରଣ ଦାଉରୁ ସୁରକ୍ଷା ଦେବା ସହ ବନ୍ୟଜନ୍ତୁ ଶୀକାର ଓ ଜଙ୍ଗଲ ଜବର ଦଖଲକୁ ପ୍ରତିରୋଧ କରିବେ । ସେମାନଙ୍କ ପାଇଁ ନିର୍ଦ୍ଧାରିତ ଜଙ୍ଗଲ ବାହାରେ ରହୁଥିବା ବନ୍ୟଜନ୍ତୁମାନଙ୍କୁ ମଧ୍ୟ ସେମାନେ ସୁରକ୍ଷା ପ୍ରଦାନ କରିବେ ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଜଙ୍ଗଲରେ ପହରା ଦେବା ସହିତ ଜଙ୍ଗଲ ଭିତରକୁ ମଣିଷ ତଥା ଗାଈ ଗୋରୁଙ୍କ ପ୍ରବେଶକୁ ନିୟନ୍ତ୍ରଣ କରିବେ ।

ଗ. ବନ ତଥା ବନ୍ୟଜନ୍ତୁ ଅପରାଧକୁ ରୋକିବା ଏବଂ ତତ୍ ସଂପର୍କୀୟ ଗୁପ୍ତ ତଥ୍ୟ ଜଙ୍ଗଲ ଅଧିକାରୀମାନଙ୍କୁ ପ୍ରଦାନ କରିବା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟଙ୍କ କର୍ତ୍ତବ୍ୟ ହେବ ।

ଘ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟମାନେ ସନ୍ଦିଗ୍ଧ ଜଙ୍ଗଲ ଅପରାଧୀଙ୍କୁ ଧରିବାରେ ସହଯୋଗ କରିବେ ଏବଂ ସେମାନଙ୍କ ବିରୁଦ୍ଧରେ ଆଇନ ଅଦାଲତରେ ଉପଯୁକ୍ତ ପ୍ରମାଣ ପ୍ରଦାନ କରିବେ ।

ଙ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟମାନେ ଜଙ୍ଗଲ ସୀମା ଖୁଣ୍ଟି ଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କୁ ସହାଯ୍ୟ ସହଯୋଗ କରିବେ ।

ଚ. ପ୍ରଦତ୍ତ ଜଙ୍ଗଲର ବନ୍ୟଜନ୍ତୁ ମାନଙ୍କର ସୁରକ୍ଷା, ବିକାଶ ଓ ଚିରନ୍ତନ ପରିଚାଳନା ସହ ଗ୍ରାମ / ଗ୍ରାମସମୂହ ଗୁଡ଼ିକର ସମ୍ମିଳିତ ବିକାଶ ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ବାର୍ଷିକ କାର୍ଯ୍ୟପନ୍ଥା ଏବଂ ଅଣୁ ଯୋଜନା ପ୍ରସ୍ତୁତ କରିବେ । ଅଣୁଯୋଜନାର ସାରକଥା ଓଡ଼ିଆରେ ଉପଲବ୍ଧ ହେବ ।

ଛ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଯେପରି ଧିରେ ଧିରେ ଲୋକମାନଙ୍କର ଜଙ୍ଗଲ ଉପରେ ନିର୍ଭରଶୀଳତା କମିବ ତାହା ସୁନିଶ୍ଚିତ କରିବ ।

ଜ. ସାଧାରଣ ସଂଖ୍ୟା ଗରିଷ୍ଠ ସଭ୍ୟଙ୍କ ଉପସ୍ଥିତି ଓ ମତଦାନ ଦ୍ୱାରା ଯେ କୌଣସି ନିର୍ବାଚିତ (ଅଣ-ସରକାରୀ) କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କୁ ବହିସ୍କାର ଏବଂ/ କିମ୍ବା ବଦଳି କରିବାର କ୍ଷମତା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ରହିଛି, ଯଦି ସେହି ନିର୍ଦ୍ଦିଷ୍ଟ ସଭ୍ୟ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଉ ନାହାଁନ୍ତି । ସାଧାରଣ ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ଉପସ୍ଥିତି ଓ ମତଦାନ ଦ୍ୱାରା ସଭାପତିଙ୍କୁ ବହିସ୍କାର କିମ୍ବା ବଦଳ କରିବାର ମଧ୍ୟ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟଙ୍କ କ୍ଷମତା ରହିଛି, ଯଦି ସେ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିପାରୁ ନଥିବେ । ଏ କ୍ଷେତ୍ରରେ ପାରା ୫-କ-୫ରେ ବର୍ଣ୍ଣିତ ପ୍ରକ୍ରିୟା ଅନୁଯାୟୀ ସାଧାରଣ ପରିଷଦ ବୈଠକ ଡକାହେବ । ସଂପୃକ୍ତ ବନସୀମା ଅଧିକାରୀ ଏ ସବୁ କ୍ଷେତ୍ରରେ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟକରିବେ ।

ଝ. ଯଦି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଦାୟିତ୍ୱରେ ଥିବା କୌଣସି ଜଙ୍ଗଲ ଜମିକୁ ଜଙ୍ଗଲ ସଂରକ୍ଷଣ ଆଇନ୍ ୧୯୮୦ ବଳରେ ଅଣଜଙ୍ଗଲ କାର୍ଯ୍ୟରେ ନିୟୋଜିତ କରିବାର ପ୍ରସ୍ତାବ ଆସେ ତେବେ ବନସୀମା ଅଧିକାରୀ, କାର୍ଯ୍ୟନିର୍ବାହୀ ସମିତିକୁ ଏ ସଂପର୍କରେ ଲିଖିତ ଆକାରରେ ଜଣାଇବେ ଏବଂ ମତାମତ ଲୋଡ଼ିବେ । କାର୍ଯ୍ୟନିର୍ବାହୀ ସମିତି ଏ ପ୍ରସ୍ତାବ ସଂପର୍କରେ ଯୁଗ୍ମ ଜଙ୍ଗଲ ପରିଚାଳନା

କମିଟିର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ସବିଶେଷ ଆଲୋଚନା କରିବେ ଏବଂ ସମ୍ପୃକ୍ତ ବନସୀମା ଅଧିକାରୀଙ୍କୁ ମତାମତ ଜଣାଇବେ, ପରେ ତାଙ୍କୁ ସିଏ ବନଖଣ୍ଡ ଅଧିକାରୀଙ୍କ ପାଖକୁ ପଠାଇବେ । ସଂପୃକ୍ତ ବନଖଣ୍ଡ ଅଧିକାରୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ରାଜ୍ୟ ସରକାର / କେନ୍ଦ୍ରସରକାରଙ୍କ ନିକଟକୁ ବିଚାରାର୍ଥେ ସୁପାରିଶ କଲାବେଳେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ମତାମତକୁ ଏଥି ସହ ସଂଲଗ୍ନ କରିବେ ।

**୭. କାର୍ଯ୍ୟନିର୍ବାହୀ ସମିତିର କର୍ତ୍ତବ୍ୟ ଓ ଦାୟିତ୍ୱ :-**

କ. ସଂକଳ୍ପ ନାମାର ବିଧିବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟନିର୍ବାହୀ ସମିତି, ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଦୈନନ୍ଦିନ କାର୍ଯ୍ୟକ୍ରମ ପରିଚାଳନା କରିବେ । ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ଅଣୁ ଯୋଜନା, ବାର୍ଷିକ ଯୋଜନା ତଥା ଅନ୍ୟାନ୍ୟ ନିଷ୍ପତ୍ତିକୁ କାର୍ଯ୍ୟକାରୀ ଓ ପରିଚାଳନା କରିବା କାର୍ଯ୍ୟନିର୍ବାହୀ ସମିତିର ଦାୟିତ୍ୱ ଅଟେ ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଉପରେ ନ୍ୟସ୍ତ କରାଯାଇଥିବା ଜଙ୍ଗଲ ସୁରକ୍ଷା ତଥା ସନ୍ଦିଗ୍ଧ ଅପରାଧୀଙ୍କ ଦାଉରୁ ଜଙ୍ଗଲକୁ ରକ୍ଷାକରିବା ପାଇଁ କାର୍ଯ୍ୟନିର୍ବାହୀ ସମିତି ଦାୟୀ ରହିବେ । ଯଦି ବନ ସଂରକ୍ଷଣ ସମିତି/ଜୈବମଣ୍ଡଳ ବିକାଶ ସମିତିର ସଦସ୍ୟମାନେ ଜଙ୍ଗଲ ଅପରାଧକୁ ଠାବ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଏବଂ ନିଜର ଗ୍ରାମସୀମା ମଧ୍ୟରେ ଚୋରା ଜଙ୍ଗଲଜାତ ଦ୍ରବ୍ୟ ଜବତ କରନ୍ତି ତେବେ ପାରା-୧୧(ଗ) ଏବଂ (ଘ) ମୁତାବକ ସେମାନେ ଏହି ଜବତ ଜିନିଷ ମୂଲ୍ୟର ଏକ ନିର୍ଦ୍ଦିଷ୍ଟ ଭାଗ ପାଇବେ (କେବଳ ବନ୍ୟଜନ୍ତୁଙ୍କ ଅଂଶ ବିଶେଷ ବ୍ୟତୀତ) ।

ଗ. କାର୍ଯ୍ୟ ନିର୍ବାହୀ ସମିତି ସାଧାରଣ ପରିଷଦର ପରାମର୍ଶ କ୍ରମେ ସଭ୍ୟ ପଦ, ଦ୍ୱନ୍ଦ୍ୱ ସମାଧାନ, ଜବର ଦଖଲ, ପାରମ୍ପରିକ ଅଧିକାର, ଲାଭାଂଶ ବଣ୍ଟନର ସମ୍ପର୍କୀତ ସମସ୍ତ ବିଷୟରେ କାର୍ଯ୍ୟଧାରା ନିର୍ଦ୍ଧାରଣ କରିବେ ।

ଘ. ପରିଚାଳନା ଯୋଜନା/ଅଣୁଯୋଜନାକୁ ଭିତ୍ତିକରି ଯେତେବେଳେ ବନସୀମା ଅଧିକାରୀ ଉପଦେଶ ଦେବେ, ବନ ସଂରକ୍ଷଣ ସମିତିର କାର୍ଯ୍ୟନିର୍ବାହୀ ସମିତି ବିଭିନ୍ନ Silviculture operation, ମଧ୍ୟବର୍ତ୍ତୀ ତଥା ଚୂଡ଼ାନ୍ତ ଗଛକଟା କାର୍ଯ୍ୟକାରୀ କରିବେ।

ଙ. ସରକାରୀ ଓ ଅନ୍ୟାନ୍ୟ ସଂସ୍ଥାରୁ ମିଳିଥିବା ଅର୍ଥ ତଥା ଆଭ୍ୟନ୍ତରୀଣ ସୂତ୍ରରୁ ଉପାର୍ଜିତ ନିଜସ୍ୱ ପାଣ୍ଠିର ହିସାବ ପତ୍ର ରଖିବା କ୍ଷେତ୍ରରେ କାର୍ଯ୍ୟନିର୍ବାହୀ ସମିତି ଦାୟୀ ରହିବେ । ଏଥିପାଇଁ ରିଜର୍ଭ ବ୍ୟାଙ୍କ ଇଣ୍ଡିଆ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଯେ କୌଣସି ବ୍ୟବସାୟୀକ ବ୍ୟାଙ୍କ, ଗ୍ରାମୀଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ

କିମ୍ବା ଡାକଘରେ ବନସଂରକ୍ଷଣ ସମିତି/ଜୈବମଣ୍ଡଳ ବିକାଶ ସମିତି ନାମରେ, ଗୋଟିଏ ଜମାଖାତା ଖୋଲାଯିବ । ଏହା ସମିତିର ସଭାପତି ଓ ସଦସ୍ୟ ସଚିବଙ୍କ ମିଳିତ ସ୍ୱାକ୍ଷରରେ ପରିଚାଳିତ ହେବ । ସେହିପରି ସମସ୍ତ ଖର୍ଚ୍ଚବାର୍ଚ୍ଚ ସଂପର୍କିତ ପ୍ରମାଣ ପତ୍ର ମଧ୍ୟ ଉଭୟଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆବଶ୍ୟକ ସ୍ଥଳେ ସଂପୃକ୍ତ ପଦାଧିକାରୀଙ୍କ ପାଖରେ ଉପସ୍ଥାପିତ କରାଯିବ ।

ଚ. ପରିଶିଷ୍ଟ (କ) ରେ ବର୍ଣ୍ଣିତ ବିଧି ଅନୁଯାୟୀ ବନ ସଂରକ୍ଷଣ ସମିତି/ଜୈବମଣ୍ଡଳ ବିକାଶ ସମିତିର ଖୋଲା ଯାଇଥିବା ଜମା ଖାତା ମାଧ୍ୟମରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗ୍ରହଣ କରିଥିବା ପାଣ୍ଠିର ପରିଚାଳନା ପାଇଁ କାର୍ଯ୍ୟନିର୍ବାହୀ ସମିତି ଦାୟୀ ରହିବ ।

ଛ. ଉପଭୋକ୍ତାମାନଙ୍କୁ ଅଧିକ ଲାଭ ପହଞ୍ଚାଇବା ପାଇଁ କାର୍ଯ୍ୟନିର୍ବାହୀ ସମିତି ବିଭିନ୍ନ ଅଣକାଷ୍ଠ ଜଙ୍ଗଲ ଉତ୍ପାଦ ଏବଂ ଅନ୍ୟାନ୍ୟ ଅଣୁ ଶିଳ୍ପ ଉତ୍ପାଦର ବଜାର ସମନ୍ୱୟ ସ୍ଥାପନ କରିବେ ।

**୮. ଜଙ୍ଗଲ ବିଭାଗର ଭୂମିକା :-**

କ. ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳକୁ ଚିହ୍ନିତ କରି ବନସଂରକ୍ଷଣ ସମିତି / କାର୍ଯ୍ୟନିର୍ବାହୀ ସମିତିକୁ ହସ୍ତାନ୍ତର କରିବା ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ପଞ୍ଜିକରଣ କରିବା ସହିତ ସେମାନଙ୍କ ସହ ନିରନ୍ତର ଭାବେ ଯୋଗାଯୋଗ ରକ୍ଷା କରିବା ।

ଗ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସମସ୍ତ କାର୍ଯ୍ୟକ୍ରମ, ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମା ଓ ରାଜ୍ୟ / କେନ୍ଦ୍ର ସରକାରଙ୍କ ପ୍ରଣିତ ଓ ବଳବତ୍ତର ଥିବା ସମସ୍ତ ଆଇନ୍ ମୁତାବକ ପରିଚାଳିତ ହେବାକୁ ସୁନିଶ୍ଚିତ କରିବା ।

ଘ. 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି'ର ସଦସ୍ୟଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିବା ଅପରାଧି ଓ ଅପରାଧରେ ସଂପୃକ୍ତ ଜଙ୍ଗଲଜାତ ଦ୍ରବ୍ୟ ସଂପର୍କରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

ଙ. ଜଙ୍ଗଲ ପରିଚାଳନା ସମ୍ପର୍କିତ ବିଭିନ୍ନ ବିଷୟ, ଯୋଜନା, ବୃକ୍ଷରୋପଣ, ଚାରା ଉତ୍ପାଦନ, ଜଙ୍ଗଲ ଆଇନ୍, ହିସାବ କିତାବ, ପୁସ୍ତକ ସଂରକ୍ଷଣ ଇତ୍ୟାଦି ସଂପର୍କରେ 'ବନ ସଂରକ୍ଷଣ ସମିତି' ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧିକୁ ସୁନିଶ୍ଚିତ କରିବା ।

ଚ. ଅଣୁ ଯୋଜନା/ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀ କରିବା ନିମିତ୍ତ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି' ସଦସ୍ୟମାନଙ୍କୁ ଆବଶ୍ୟକୀୟ ଜ୍ଞାନ କୌଶଳ ଯୋଗାଇଦେବା ସହିତ ଏହାକୁ ଅନୁମୋଦନ କରିବା ।

ଛ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ବନସଂରକ୍ଷଣ ସମିତିର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଲାଭାଂଶ ବଣ୍ଟନକୁ ସୁନିଶ୍ଚିତ କରିବା ।

ଜ. ରାଜ୍ୟର ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶୀଦାର ହେବାକୁ ଗ୍ରାମବାସୀମାନଙ୍କୁ ପ୍ରବର୍ତ୍ତାଇବା ଏବଂ ଏହି ଉଦ୍ଦେଶ୍ୟରେ ଗାଁ'ରେ ସଭା ସମିତିମାନ କରିବା ।

ଝ. 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି'ର ନିର୍ବାଚନ ପରିଚାଳନା କରିବା, ଏହାର ନିଷ୍ପତ୍ତି ଏବଂ ଏହାକୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗରେ ମହିଳାମାନଙ୍କ ସହିତ ଦୁର୍ବଳ ଶ୍ରେଣୀକୁ ଯଥାଯଥ ଭାବେ ଅଂଶୀଦାର କରାଇବାକୁ ସୁନିଶ୍ଚିତ କରିବା ।

ଞ. ଅଣୁ ଯୋଜନା ଓ ସଂପୃକ୍ତ ଅଞ୍ଚଳର ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଅନ୍ୟାନ୍ୟ ବିଭାଗ/ସଂସ୍ଥାମାନଙ୍କ ସହ ସମନ୍ୱୟ ରକ୍ଷା କରିବା ।

ଟ. ଆଭ୍ୟନ୍ତରୀଣ କନ୍ଦଳର ସମାଧାନ କରିବା ଓ ସୂଚାରୁ ରୂପେ ନିଜର କର୍ତ୍ତବ୍ୟ ସଂପାଦନ ପାଇଁ କାର୍ଯ୍ୟ ନିର୍ବାହୀ ସମିତିକୁ ଦିଗ୍‌ଦର୍ଶନ ଦେବା ।

## ୯. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ବିଘଟନ, ପୁନର୍ଗଠନ ଓ ଅଧିକ୍ରମଣ-

କ. ବନସୀମା ଅଧିକାରୀଙ୍କ ରିପୋର୍ଟ ଆଧାରରେ ବା ଅନ୍ୟ ପ୍ରକାରରେ ବନଖଣ୍ଡ ଅଧିକାରୀ ହୃଦ୍‌ବୋଧ କରନ୍ତି ଯେ ତାଙ୍କ କର୍ତ୍ତୃତ୍ୱାଧୀନ ଅଞ୍ଚଳରେ ଥିବା ବନସଂରକ୍ଷଣ ସମିତି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ନିୟମକୁ ଉଲଙ୍ଘନ କରୁଛି ଏବଂ ତାର କାର୍ଯ୍ୟକଳାପ ଜଙ୍ଗଲ ପରିଚାଳନା ଓ ସୁରକ୍ଷା ପାଇଁ କ୍ଷତିକାରକ ତେବେ, ସେ ସଂପୃକ୍ତ ବନସଂରକ୍ଷଣ ସମିତିର ବିଲୟନ (ଅପସାରଣ) /ପୁର୍ନଗଠନ ଅଥବା ଅତିକ୍ରମଣ କରିପାରିବେ । ତାପରେ ଉକ୍ତ ଜଙ୍ଗଲ ଅଞ୍ଚଳର ପରିଚାଳନା ଦାୟିତ୍ୱ ଜଙ୍ଗଲ ବିଭାଗକୁ ଅର୍ପଣ କରିପାରିବେ । ଏ ଭଳି ଆଦେଶ ବିରୁଦ୍ଧରେ ବନ ସଂରକ୍ଷକଙ୍କ ପାଖରେ ଆପତ୍ତି କରାଯାଇ ପାରିବ, ଯାହାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ।

ଖ. ଯଦି କୌଣସି ବନସଂରକ୍ଷଣ ସମିତିର କାର୍ଯ୍ୟନିର୍ବାହୀ ସମିତିର କାର୍ଯ୍ୟକଳାପ, ଜଙ୍ଗଲ ପୁର୍ନଜନନ ଏବଂ ପରିଚାଳନା ବିରୋଧୀ ହୋଇଥାଏ ତେବେ ସଂପୃକ୍ତ ବନଖଣ୍ଡ ଅଧିକାରୀ ଏ ସଂପର୍କରେ ଆବଶ୍ୟକୀୟ ଅନୁସନ୍ଧାନ ରିପୋର୍ଟକୁ ଲିପିବଦ୍ଧ କରିବା ପରେ କାର୍ଯ୍ୟନିର୍ବାହୀ ସମିତିକୁ ଭାଙ୍ଗିଦେଇ

ଏହାର ପୁନର୍ଗଠନ କରିପାରିବେ । ଏପରି ଆଦେଶ ବିରୁଦ୍ଧରେ ବନସଂରକ୍ଷକଙ୍କ ପାଖରେ ଅପିଲ କରାଯାଇ ପାରିବ, ଯାହାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

ଗ. କାର୍ଯ୍ୟନିର୍ବାହୀ ସମିତିର କୌଣସି ସଦସ୍ୟ / ସଦସ୍ୟାମାନଙ୍କର ଅଥବା କାର୍ଯ୍ୟନିର୍ବାହୀ ସମିତି ଦ୍ୱାରା ନିଯୁକ୍ତ ସବ୍ କମିଟିର କୌଣସି ସଦସ୍ୟ/ସଦସ୍ୟା ମାନଙ୍କର ଅନିୟମିତତା ସଂପର୍କରେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କଠାରୁ ରିପୋର୍ଟ ପାଇଲେ ଏହି ଅନିୟମିତ ସଂପର୍କିତ ଅନୁସନ୍ଧାନ ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ସଦସ୍ୟ / ସଦସ୍ୟମାନଙ୍କଠାରୁ ବନଖଣ୍ଡ ଅଧିକାରୀ ସାମୟିକଭାବେ କ୍ଷମତା ପ୍ରତ୍ୟାହାର କରିନେଇ ପାରିବେ ।

**୧୦. ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା (ଅଣୁ ଯୋଜନା)-**

କ. କାର୍ଯ୍ୟନିର୍ବାହୀ ସମିତି ଗଠନ ହେଲା ପରେ ସମିତିର ସଦସ୍ୟମାନେ ବନ ସଂରକ୍ଷଣ ସମିତି ଏବଂ ଜଙ୍ଗଲ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ସହଭାଗୀ ହୋଇ ଯଥା ଶୀଘ୍ର ଏକ ଅଣୁଯୋଜନା ପ୍ରସ୍ତୁତ କରିବେ ।

ଖ. ଅଣୁ ଯୋଜନାକୁ ପ୍ରସ୍ତୁତ କଲାବେଳେ ସ୍ଥାନୀୟ ପରିସ୍ଥିତି, ଆବଶ୍ୟକତା ଏବଂ ଆନୁମାନିକ ବାର୍ଷିକ ଆୟକୁ ଆଧାର କରି ତଥା ଗ୍ରାମ/ଗ୍ରାମସମୁହର ସମନ୍ୱିତ ବିକାଶ ଏବଂ ସମ୍ପୃକ୍ତ ଜଙ୍ଗଲର ସଂରକ୍ଷଣ ଓ ପରିପୋଷଣ ତଥା ଅନ୍ୟାନ୍ୟ ବିଭାଗମାନଙ୍କ ସହଯୋଗରେ ନିର୍ଦ୍ଧାରିତ ଢାଞ୍ଚାରେ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯିବ ।

ଗ. ଅଣୁ ଯୋଜନାଟି ସାଧାରଣତଃ ମୃତ୍ତିକା ସଂରକ୍ଷଣ, ଆର୍ଦ୍ରତା ସଂରକ୍ଷଣ, ବନୀକରଣ, ତତ୍ ଜନିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ଗୋଷ୍ଠିର ଜୀବିକା ସୁରକ୍ଷା ସଂପର୍କିତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବ । ସ୍ଥାନୀୟ ସମ୍ବଳର ଉପଲବ୍ଧତାକୁ ଭିତ୍ତିକରି ଏହା ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷୁଦ୍ର ଶିଳ୍ପଦ୍ୟୋଗ ତିଆରିକୁ ସାମିଲ କରିବା ଆବଶ୍ୟକ । ଜୈବମଣ୍ଡଳ ବିକାଶ ସମିତି, ପରିବେଶ ଉନ୍ନତି ସମ୍ବନ୍ଧୀୟ ଯୋଜନାମାନ ହାତକୁ ନେବା ଉଚିତ୍ ଯେପରିକି, ପରିବେଶ ପର୍ଯ୍ୟଟନ, ଉଦ୍ୟାନ ଭିତ୍ତିକ ଜଙ୍ଗଲ ସୃଷ୍ଟି, ବନାଞ୍ଚଳ ବୃଦ୍ଧି, ବୃକ୍ଷରୋପଣ, ଜାଳେଣି ଦ୍ରବ୍ୟର ଉତ୍ପାଦନ, ଗ୍ରାମାଞ୍ଚଳରେ ଗାଇ ଗୋରୁଙ୍କ ଯତ୍ନ, ମତ୍ସ୍ୟଚାଷର ଉନ୍ନତି, କୁକୁଡ଼ା ଫାର୍ମ, ଛତୁ ଚାଷ, ଏଣ୍ଡିଚାଷ ଭଳି ଅଣୁଲାଭ ସୁବିଧା ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଇତ୍ୟାଦି ।

ଘ. ପ୍ରଚଳିତ ଆଇନ ଆଧାରରେ ଏହି ଅଣୁଯୋଜନା ବନୀକରଣ ପାଇଁ ନିଜ ପସନ୍ଦ ମୁତାବକ ଗଛ ବାଛିବା ସହ ବନୀକରଣର ବିଭିନ୍ନ ପ୍ରତିରୂପ ମଧ୍ୟ ପ୍ରସ୍ତୁତ କରିପାରିବେ । ଏହି ଅଣୁଯୋଜନାରେ

ବିସ୍ତୃତଭାବେ ଜଙ୍ଗଲର ପୁର୍ନଜନନ ଓ ଅମଳ ସଂପର୍କରେ ଉଲ୍ଲେଖ ରହିବ । ଏହା ସମୁଦାୟ ସୁରକ୍ଷିତ ଜଙ୍ଗଲର ବନ୍ୟଜନ୍ତୁ ପରିଚାଳନା ଓ କାର୍ଯ୍ୟକାରୀତାର ପରିପୂରକ ହେଉଥିବ ।

ଙ. ସଂଗୃହୀତ ହେବାକୁ ଥିବା ସମସ୍ତ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ବିସ୍ତୃତ ବିବରଣୀ ଏହି ଅଣୁଯୋଜନାରେ ରହିବା ଉଚିତ୍ । ଏହା ସ୍ଥାନୀୟ ଜୈବ ମଣ୍ଡଳର ବହନ କରିବାର କ୍ଷମତା, ଉତ୍ପାଦକତା ଏବଂ ଜୈବ ବିବିଧତା ଆଧାରରେ ପ୍ରସ୍ତୁତ ହେବା ଉଚିତ୍ ।

ଚ. କାର୍ଯ୍ୟନିର୍ବାହୀ ସମିତି ଦ୍ୱାରା ପ୍ରସ୍ତୁତ ଅଣୁ ଯୋଜନା ଚିଠା ସାଧାରଣ ପରିଷଦ ବୈଠକରେ ଆଲୋଚିତ ହୋଇ ଅନୁମୋଦିତ ହେବ ।

ଛ. ବନ ସଂରକ୍ଷଣ ସମିତି ଦ୍ୱାରା ଅନୁମୋଦିତ ଓ ସଭାପତିଙ୍କ ଦ୍ୱାରା ସ୍ୱାକ୍ଷରିତ ଅଣୁଯୋଜନା ଚିଠାଟିକୁ ସଦସ୍ୟ ସଚିବ, ବନସୀମା ଅଧିକାରୀଙ୍କଠାରେ ଉପସ୍ଥାପିତ କରିବେ ଯିଏ ଏହାର ବୈଷୟିକ, ସାମାଜିକ, ଆର୍ଥିକ ଏବଂ ଆଇନ୍‌ଗତ ଦିଗ ପରୀକ୍ଷା କରିବେ । ବନସୀମା ଅଧିକାରୀ ଚିଠା ଅଣୁଯୋଜନାରେ ଆବଶ୍ୟକୀୟ ପରିବର୍ତ୍ତନର ପ୍ରସ୍ତାବକୁ ବିବେଚନା କରିବା ଓ ଆବଶ୍ୟକୀୟ ସଂଶୋଧନ ଆଣିବାକୁ କାର୍ଯ୍ୟନିର୍ବାହୀ ସମିତି ନିକଟକୁ ଫେରାଇ ଦେଇ ପାରନ୍ତି । କାର୍ଯ୍ୟନିର୍ବାହୀ ସମିତି ପ୍ରସ୍ତାବିତ ପରିବର୍ତ୍ତନ ସଂପର୍କରେ ଆଲୋଚନା କରିବେ, ଏହାକୁ ଅଣୁଯୋଜନା ଚିଠାରେ ସ୍ଥାନିତ କରି ବନସୀମା ଅଧିକାରୀଙ୍କ ନିକଟରେ ପୁନଃ ଉପସ୍ଥାପିତ କରିବେ ।

ଜ. ଅଣୁଯୋଜନାଟିକୁ ବୈଷୟିକ, ଆଇନ୍‌ଗତ, ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ବିଚାର କଲାପରେ ବନସୀମା ଅଧିକାରୀ ଏହାକୁ ଅନୁମୋଦନ କରିବେ । ଅନୁମୋଦିତ ଅଣୁଯୋଜନାର ଏକକିତା ଲେଖାଏ ନକଲ ବନଖଣ୍ଡ ଅଧିକାରୀ ବନସୀମା ଅଧିକାରୀ, ବନସୁରକ୍ଷା ସମିତି ଏବଂ ସଦସ୍ୟ ସଚିବଙ୍କ କାର୍ଯ୍ୟାଳୟରେ ସୂଚନା ଦସ୍ତାବିଜ୍ ହିସାବରେ ମହଜୁଦ୍ ରହିବ ।

ଝ. ଅନୁମୋଦିତ ଅଣୁ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ଆୟ ବ୍ୟୟ ଅଟକଳ ସହ ବାର୍ଷିକ କାର୍ଯ୍ୟ ଯୋଜନା/(ମାର୍ଚ୍ଚ-ଏପ୍ରିଲ) କାର୍ଯ୍ୟନିର୍ବାହୀ ସମିତି ଦ୍ୱାରା ପ୍ରସ୍ତୁତ କରାଯିବ । ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ କରା ଯାଇଥିବା ବାର୍ଷିକ କାର୍ଯ୍ୟ ଯୋଜନାଟିକୁ ସଦସ୍ୟ ସଚିବ, ପ୍ରତ୍ୟେକ ବର୍ଷର ଡିସେମ୍ବର ମାସ ସୁଧା ବନସୀମା ଅଧିକାରୀଙ୍କ ଠାରେ ଉପସ୍ଥାପିତ କରିବେ । ବ୍ୟୟ ଅଟକଳର ପରିମାଣକୁ ଚାହିଁ ଏହି ଅଣୁଯୋଜନାଟିକୁ କ୍ଷମତାପନ୍ନ ଅଧିକାରୀ ଅନୁମୋଦନ କରିବେ ।

ଞ. ଅଣୁ ଯୋଜନା/ବାର୍ଷିକ କାର୍ଯ୍ୟ ଯୋଜନାକୁ ପାଇଁ ଆବଶ୍ୟକୀୟ ଅର୍ଥକୁ ରାଜ୍ୟ ସରକାର ତାଙ୍କର ଜଙ୍ଗଲ ବିଭାଗ ମାଧ୍ୟମରେ ବହନ କରିବେ କିମ୍ବା ଭାରତ ସରକାରଙ୍କ ଠାରୁ ମଧ୍ୟ ଗ୍ରହଣ କରାଯାଇ

ପାରେ କିମ୍ବା ବନସଂରକ୍ଷଣ ସମିତି ଜମାଖାତାରୁ ବହନ କରିପାରିବେ । ସରକାରଙ୍କ ଅନ୍ୟାନ୍ୟ ବିଭାଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାରୁ ମଧ୍ୟ ଏଥିପାଇଁ ସହାୟତା ଗ୍ରହଣ କରାଯାଇ ପାରେ । ସରକାରଙ୍କ ଠାରୁ ଅନୁମତି ନେଇ ଜାତୀୟ/ ଆନ୍ତର୍ଜାତୀୟ ଦାତବ୍ୟ ଅନୁଷ୍ଠାନ ମାନଙ୍କଠାରୁ ମଧ୍ୟ ଏଥିପାଇଁ ଅନୁଦାନ ଗ୍ରହଣ କରା ଯାଇ ପାରେ ।

ଟ. ଅଣୁ ଯୋଜନା ସାଧାରଣତଃ ଦଶ ବର୍ଷ ପାଇଁ ହେବ ଓ ମଧବର୍ତ୍ତୀ କାଳୀନ ସମୀକ୍ଷା କରାଯିବାର ବ୍ୟବସ୍ଥା ରହିବ ।

**୧୧. ବନସଂରକ୍ଷଣ ସମିତି ମାନଙ୍କର ଭୋଗାଧିକାର :**

କ. ବନସଂରକ୍ଷଣ ସମିତିମାନେ ସେମାନଙ୍କୁ ନ୍ୟସ୍ତ କରା ଯାଇଥିବା ଜଙ୍ଗଲରୁ ନିମ୍ନଲିଖିତ ଭୋଗାଧିକାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

୧. ଝଡ଼ା ପତ୍ର, ପଶୁ ପାଇଁ ଘାଷ, ଛପର ଘାସ, ଝାଡୁ ଘାସ, ବାଡ଼ ପାଇଁ କଣ୍ଟାଝଣ୍ଟା, ଦାନ୍ତକାଠି, ଜାଳେଣି ପାଇଁ ଭାଙ୍ଗିପଡ଼ିଥିବା ଶୁଖିଲା ଡାଙ୍ଗ, ସଦସ୍ୟମାନଙ୍କୁ ମାଗଣାରେ ଉପଲବ୍ଧ ହେବ ।

୨. ଜଙ୍ଗଲ ପରିଚାଳନା ପ୍ରକ୍ରିୟାରେ ମଧ୍ୟବର୍ତ୍ତୀକାଳୀନ ଅମଳ ସ୍ୱରୂପ ମିଳୁଥିବା ଛୋଟ ଛୋଟ କାଠ, ବହ୍ଲା, ଜାଳେଣି କାଠ ଇତ୍ୟାଦି କାର୍ଯ୍ୟନିର୍ବାହୀ ସମିତିର ନିଷ୍ପତ୍ତି ଅନୁସାରେ, ଏପରିକି ସ୍ଥିରିକୃତ ମୂଲ୍ୟରେ ବନ ସଂରକ୍ଷଣ ସମିତିର ସଦସ୍ୟ ମାନଙ୍କୁ ଉପଲବ୍ଧ ହେବ । ଏଥିରୁ ପ୍ରାପ୍ତ ଅର୍ଥ ବନ ସଂରକ୍ଷଣ ସମିତିର ଜମା ଖାତାରେ ରହିବ । ଯଥେଷ୍ଟ ପରିମାଣରେ ବଳକା ହେବା କ୍ଷେତ୍ରରେ କାର୍ଯ୍ୟନିର୍ବାହୀ ସମିତି ବନଖଣ୍ଡ ଅଧିକାରୀଙ୍କୁ ସୂଚୀତ କରି ବିକ୍ରି କରିପାରିବେ ।

୩. ନିର୍ଦ୍ଦିଷ୍ଟ ବନଜାତ ଦ୍ରବ୍ୟ, କେନ୍ଦୁପତ୍ର ଏବଂ ନିଲାମ ଦିଆଯାଇଥିବା ଜଙ୍ଗଲଜାତ ଦ୍ରବ୍ୟଙ୍କୁ ବନସଂରକ୍ଷଣ ସମିତି ସଦସ୍ୟମାନେ ସେମାନଙ୍କୁ ନ୍ୟସ୍ତ କରା ଯାଇଥିବା ଜଙ୍ଗଲ ଅଞ୍ଚଳରୁ ସଂଗ୍ରହ କରିପାରିବେ, କିନ୍ତୁ ଏହି ସବୁ ଦ୍ରବ୍ୟକୁ ସେମାନେ କେବଳ ବିଭାଗୀୟ ସଂସ୍ଥା କିମ୍ବା ନିଲାମଧାରୀ ମାନଙ୍କୁ ହିଁ ନିର୍ଦ୍ଧାରିତ ମୂଲ୍ୟରେ ଦେଇପାରିବେ ।

୪. ଜଙ୍ଗଲର ମୁଖ୍ୟ ଅମଳ ବା ଶେଷ ଅମଳ କ୍ଷେତ୍ରରେ କେବଳ ଜଙ୍ଗଲ ବିଭାଗ ହିଁ ଆବଶ୍ୟକୀୟ ଯୋଜନା / ଅନୁମୋଦିତ ଅଣୁଯୋଜନାର ଅମଳ କାର୍ଯ୍ୟ ହାତକୁ ନେବ । ପ୍ରାକୃତିକ ବିପର୍ଯ୍ୟୟରେ ପବନ ଦ୍ୱାରା ଟଳି ପଡ଼ିଥିବା ଗଛକୁ ଚୁଡ଼ାନ୍ତ ଅମଳ ବୋଲି ଧରାଯିବ । ଏହି ଦ୍ରବ୍ୟ କେବଳ ଜଙ୍ଗଲ ବିଭାଗ କିମ୍ବା ଜଙ୍ଗଲ ବିଭାଗ ଦ୍ୱାରା ନିଯୁକ୍ତ ସଂସ୍ଥା ବିକ୍ରୟ କରିବେ । ବିକ୍ରୟ ଲବ୍ଧ ଅର୍ଥରୁ ସମାନୁପାତିକ ବ୍ୟୟ ବାଦ୍ ଦେଲା ପରେ ଅବଶିଷ୍ଟ ରାଶିର ୫୦ଭାଗ ବନ ସଂରକ୍ଷଣ ସମିତିମାନେ

ପାଇବେ । ସେ ରାଶିକୁ ବନସଂରକ୍ଷଣ ସମିତି ଜମା ଖାତାରେ ଜମା କରି ଦିଆଯିବ । ଘରୋଇ ବ୍ୟବହାର ପାଇଁ ଆବଶ୍ୟକ ଥିଲେ ଲୋକେ ସମାନୁପାତିକ ଅମଳ ଖର୍ଚ୍ଚ ଦେଇ ଅମଳ ହୋଇଥିବା ଜଙ୍ଗଲଜାତ ଦ୍ରବ୍ୟର ଅଧା ଭାଗ ନେଇପାରିବେ । ଯଦି ସିଡ଼ା (SIDA) ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଅଧିନରେ ଲୋକେ ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷରୋପଣ କରିଥାନ୍ତି ଏବଂ ତାକୁ ଯୁଗ୍ମ ଜଙ୍ଗଲ ପରିଚାଳନା ଅନ୍ତର୍ଭୁକ୍ତ କରା ଯାଇଥାଏ, ତେବେ ପ୍ରଥମ ପରିପକ୍ୱ ଅମଳରୁ ମିଳୁଥିବା ଶତ ପ୍ରତିଶତ କାଠ ବନସଂରକ୍ଷଣ ସମିତିର ସଦସ୍ୟମାନେ ପାଇବେ, କିନ୍ତୁ ପରବର୍ତ୍ତୀ ପରିପକ୍ୱ ଅମଳରୁ ସେମାନେ ଶତକଡ଼ା ୫୦ ଭାଗ ହିସାବରେ ପାଇବେ ।

ଖ. ବନ ସଂରକ୍ଷଣ ସମିତିର ନିଷ୍ପତ୍ତି ଅନୁସାରେ ଏହାର ପ୍ରତ୍ୟେକ ସଦସ୍ୟ ଯେପରି ସମାନ ଭାବେ/ସମାନତା କ୍ରମେ ଭୋଗାଧିକାର ପାଆନ୍ତି ସେଥିପାଇଁ କାର୍ଯ୍ୟନିର୍ବାହୀ ସମିତି ଦାୟୀ ରହିବେ ।

ଗ. ଯଦି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟ ମାନେ ଜଙ୍ଗଲଜାତ ଦ୍ରବ୍ୟ ଚୋରା ଚାଲାଣ ସଂପର୍କରେ ଖବରଦେବା, ଠାବ କରିବା ଏବଂ ଜବତ କରିବା କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରୁଥାନ୍ତି ତାହା ହେଲେ ଏହି ଜଙ୍ଗଲଜାତ ଦ୍ରବ୍ୟର ବିକ୍ରୟଲବ୍ଧ ଅର୍ଥରୁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଜଙ୍ଗଲ ଅପରାଧ ଠାବ ପାଇଁ ପୁରସ୍କାର ନିୟମାବଳୀ ୨୦୦୪ର (୪-ଗ) ଅନୁସାରେ ଧାର୍ଯ୍ୟ ଅର୍ଥ ପାଇବେ । ବନଖଣ୍ଡ ଅଧିକାରୀ ଆଇନ୍ ଅନୁମୋଦିତ ଢଙ୍ଗରେ ଏ ସବୁ ବନଜାତ ଦ୍ରବ୍ୟର ବିକ୍ରୟ କରିବେ ଏବଂ ବନସଂରକ୍ଷଣ ସମିତି / ଜୈବ ମଣ୍ଡଳ ବିକାଶ ସମିତିର ପ୍ରାପ୍ୟ ଅର୍ଥକୁ ସେମାନଙ୍କର ଜମା ଖାତାରେ ଜମା କରିଦେବେ ।

ଘ. (ପାରା ୧୧-ଗ)ରେ ବର୍ଣ୍ଣିତ ବିଷୟ ବ୍ୟତୀତ ଅନ୍ୟ କାରଣରୁ ବନସଂରକ୍ଷଣ ସମିତି ଜଙ୍ଗଲଜାତ ଦ୍ରବ୍ୟ ଉପରୁ କୌଣସି ପ୍ରକାର ଅର୍ଥ ଆଦାୟ କଲେ ତାହା ବେଆଇନ୍ ହେବ ଏବଂ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**୧୨. ଅମଳ ହୋଇଥିବା ଜଙ୍ଗଲଜାତ ଦ୍ରବ୍ୟର ଚାଲାଣ :**

ଓଡ଼ିଶା କାଷ୍ଠ ଓ ଅନ୍ୟାନ୍ୟ ଦ୍ରବ୍ୟ ଚାଲାଣ ନିୟମାବଳୀ ୧୯୮୦ ଅନୁସାରେ ଯେଉଁ ସବୁ ଜଙ୍ଗଲଜାତ ଦ୍ରବ୍ୟ ପାଇଁ ଚାଲାଣ ଅନୁମତି ଦରକାର ସେ କ୍ଷେତ୍ରରେ କାର୍ଯ୍ୟନିର୍ବାହୀ କମିଟିର ଯେ କୌଣସି ଭାରପ୍ରାପ୍ତ ସଦସ୍ୟ ଏବଂ ସଦସ୍ୟ ସଚିବଙ୍କ ଯୁଗ୍ମ ଦସ୍ତଖତରେ (ପ୍ରପତ୍ର ୪ ଅନୁସାରେ) ଚାଲାଣ ଅନୁମତି ଦିଆଯିବ । ଏହି ଅନୁମତି ପତ୍ର କେବଳ ବନସଂରକ୍ଷଣ ସମିତି ସଦସ୍ୟମାନେ ରହୁଥିବା

ଅଂଚଳ ପାଇଁ ବୈଧ ବିବେଚିତ ହେବ । ଏ ସବୁ ଦ୍ରବ୍ୟ ଉପରେ ଦ୍ୱିତୀୟ ଚାଲାଣର ଅନୁମତି ପତ୍ର ଦିଆଯାଇ ପାରିବ ନାହିଁ ।

୧୩. **ଦ୍ୱନ୍ଦ୍ୱ ସମାଧାନ:**

ଯଦି "ଯୁଗ୍ମ ଜଙ୍ଗଲ ପରିଚାଳନା"କୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଗାଁ ଗାଁ ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳ ଦେଖାଯାଏ ତେବେ ବନ ସଂରକ୍ଷଣ ସମିତି / ଜୈବ ମଣ୍ଡଳ ବିକାଶ ସମିତି ଏହାର ଆପୋଷ ସମାଧାନ ପାଇଁ ଚେଷ୍ଟା କରିବେ । ଯଦି ସେମାନେ ସମାଧାନ କରିବାରେ ବିଫଳ ହୁଅନ୍ତି ତେବେ ବନସୀମା ଅଧିକାରୀ (ଫରେଷ୍ଟ ରେଞ୍ଜ ଅଫିସର)ଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିବେ । ଯଦି ଗ୍ରାମ ଭିତରେ ଅର୍ନ୍ତଦ୍ୱନ୍ଦ ଲାଗିରହେ ତେବେ ଦ୍ୱନ୍ଦ୍ୱ ସମାଧାନ ସକାଶେ ପଞ୍ଚାୟତ ସମିତିଙ୍କ ଗୋଚାରାର୍ଥେ ଜଣାଇ ଦିଆଯିବ । ଯଦି ବିଭିନ୍ନ ପଞ୍ଚାୟତର ଗାଁ ମାନଙ୍କ ମଧ୍ୟରେ ଦ୍ୱନ୍ଦ ଦେଖାଦିଏ ତେବେ ତାହାକୁ 'ବନଖଣ୍ଡ ସ୍ତରୀୟ ପ୍ରଚାଳନ କମିଟି'କୁ ସୁପାରିଶ କରାଯିବ ଏବଂ ତାଙ୍କ ନିଷ୍ପତି ହିଁ ଚୂଡ଼ାନ୍ତ ହେବ।

**୧୪. ବୁଝାମଣା ପତ୍ର :-**

କ. ଜଙ୍ଗଲ ବିଭାଗ ଓ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ମଧରେ ସହଜ କାର୍ଯ୍ୟକାରୀ ସମ୍ପର୍କ ସୁନିଶ୍ଚିତ କରିବା ଏବଂ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିମାନଙ୍କ ମନରେ କ୍ଷମତାପନ୍ନ ଭାବ ଜନ୍ମେଇବା ପାଇଁ ତଥା ସେମାନଙ୍କୁ ଅଧିକ ଉତ୍ତରଦାୟୀ କରାଇବା ଉଦ୍ଦେଶ୍ୟରେ ଜଙ୍ଗଲ ବିଭାଗ ଓ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ ।

ଖ. 'ବନସଂରକ୍ଷଣ ସମିତି / ଜୈବମଣ୍ଡଳ ବିକାଶ ସମିତି' ହାତରେ ନ୍ୟସ୍ତ କରାଯାଇଥିବା ଜଙ୍ଗଲର ସୁରକ୍ଷା, ପୁନରୁଦ୍ଧାର ଏବଂ ପରିଚାଳନାରେ ସକ୍ରିୟ ସହଯୋଗ କରିବା ପାଇଁ ଏବଂ ଯୁଗ୍ମ ଜଙ୍ଗଲ ପରିଚାଳନା (ଅଣୁଯୋଜନା ମୁତାବକ) କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ବନସଂରକ୍ଷଣ ସମିତି ତାର କାର୍ଯ୍ୟନିର୍ବାହୀ ସମିତି ମାଧ୍ୟମରେ ଜଙ୍ଗଲ ବିଭାଗ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିବ ।

ଗ. ବନ ସଂରକ୍ଷଣ ସମିତି ତରଫରୁ ସଭାପତି ଏବଂ ଜଙ୍ଗଲ ବିଭାଗ ତରଫରୁ ସଂପୃକ୍ତ ବନସୀମା ଅଧିକାରୀ ବୁଝାମଣା ପତ୍ରରେ ଦସ୍ତଖତ କରିବେ । କାର୍ଯ୍ୟନିର୍ବାହୀ ସମିତିର ଅନ୍ୟ ସଦସ୍ୟମାନେ ବୁଝାମଣା ପତ୍ରରେ ସାକ୍ଷୀ ହିସାବରେ ଦସ୍ତଖତ କରିବେ । ସଂପୃକ୍ତ ଅଞ୍ଚଳର ଜଙ୍ଗଲ ବିଭାଗର ବନପାଳ, ଗ୍ରାମ୍ୟ ବନସୁରକ୍ଷା କର୍ମୀ ଏବଂ ବନରକ୍ଷୀ ମଧ୍ୟ ସାକ୍ଷୀ ହିସାବରେ ଏ ବୁଝାମଣା ପତ୍ରରେ ସ୍ୱାକ୍ଷର କରିବେ ।

ଘ. ପ୍ରପତ୍ର-୫ ଅନୁରୂପ ବୁଝାମଣା ପତ୍ର ପ୍ରସ୍ତୁତ କରାହେବ ।

**୧୫. ପ୍ରଚାଳନ କମିଟି :**

କ. ବନଖଣ୍ଡ ସ୍ତରରେ ଗୋଟିଏ ଏବଂ ରାଜ୍ୟସ୍ତରରେ ଆଉ ଗୋଟିଏ ପ୍ରଚାଳନ କମିଟି (ଷ୍ଟିଅରିଂ କମିଟି) ରହିବ ।

ଖ. ବନଖଣ୍ଡ ସ୍ତରୀୟ ପ୍ରଚାଳନ କମିଟି :

ଏହି କମିଟିରେ ନିମ୍ନଲିଖିତ ସଦସ୍ୟମାନେ ରହିବେ-

| | | | |
|---|---|---|---|
| ୧. | ବନ ସଂରକ୍ଷକ | - | ସଭାପତି |
| ୨. | ବନଖଣ୍ଡ ଅଧିକାରୀ (ରାଜ୍ୟ କ୍ଷେତ୍ରୀୟ କିମ୍ବା ବନ୍ୟପ୍ରାଣୀ)<br>ସଚିବ | - | ସଦସ୍ୟ |
| ୩. | ଜିଲ୍ଲାପାଳଙ୍କ ପ୍ରତିନିଧି (ଜମିଜମା ବୁଝୁଥିବା ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଗ୍ରାଧିକାର) | - | ସଦସ୍ୟ |
| ୪. | ଉପ-ନିର୍ଦ୍ଦେଶକ (କୃଷି) | - | ସଦସ୍ୟ |
| ୫. | ମୁଖ୍ୟ ଜିଲ୍ଲା ପଶୁ ସଂପଦ ଅଧିକାରୀ | - | ସଦସ୍ୟ |
| ୬. | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା | - | ସଦସ୍ୟ |
| ୭. | ପ୍ରକଳ୍ପ ପରିଚାଳକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା | - | ସଦସ୍ୟ |
| ୮. | ଉପ ନିର୍ଦ୍ଦେଶକ, (ଉଦ୍ୟାନ କୃଷି) | - | ସଦସ୍ୟ |
| ୯. | ମୃତ୍ତିକା ସଂରକ୍ଷଣ ଅଧିକାରୀ | - | ସଦସ୍ୟ |
| ୧୦. | ନିର୍ବାହୀ ଯନ୍ତ୍ରୀ (ଜନସ୍ୱାସ୍ଥ୍ୟ ବିଭାଗ) | - | ସଦସ୍ୟ |
| ୧୧. | ଜିଲ୍ଲା ଶିକ୍ଷା ନୀରିକ୍ଷକ, ବିଦ୍ୟାଳୟ ସମୂହ | - | ସଦସ୍ୟ |
| ୧୨. | ଦୁଇଟି ସ୍ୱେଚ୍ଛାସେବୀ ସଙ୍ଗଠନ<br>(ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ମନୋନୀତ) | - | ସଦସ୍ୟ |
| ୧୩. | ୫ଟି ବନସଂରକ୍ଷଣ ସମିତିର ସଭାପତି<br>(ଅତିକମ୍‌ରେ ୩ ଜଣ ମହିଳା ହୋଇଥିବେ | | |

ଏବଂ ବନଖଣ୍ଡ ଅଧିକାରୀ ତାଙ୍କୁ ମନୋନୀତ କରିଥିବେ) - ସଦସ୍ୟ

୧୪. ଜିଲ୍ଲାପାଳଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ମନୋନୀତ ଦୁଇଟି
ପଞ୍ଚାୟତ ସମିତିର ଅଧ୍ୟକ୍ଷ - ସଦସ୍ୟ

୧୫. ପ୍ରକୃତିମିତ୍ର ଏବଂ ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ବ୍ୟକ୍ତି - ସଦସ୍ୟ
(ଏଥିରୁ ଜଣେ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ମନୋନୀତ ହୋଇଥିବେ)

ଗ. ଅଣ କର୍ମଚାରୀ ସଦସ୍ୟମାନଙ୍କ କାର୍ଯ୍ୟକାଳ ୩ ବର୍ଷ ହେବ ।

ଘ. ବନଖଣ୍ଡ ସ୍ତରୀୟ ପ୍ରଚାଳନ କମିଟି ଅତି କମ୍‌ରେ ପ୍ରତି ୬ ମାସରେ ଥରେ ବସିବ ଏବଂ ବନସଂରକ୍ଷଣ ସମିତିର ଅଣୁଯୋଜନା କାର୍ଯ୍ୟକ୍ରମ ତଦାରଖ କରିବା ସହ ଏହାର ଉନ୍ନତିକଳ୍ପେ ମତାମତ ଦେବ ।

ଙ. ଯୁଗ୍ମ ଜଙ୍ଗଲ ପରିଚାଳନାର ସଫଳ ରୂପାୟନ ପାଇଁ ପ୍ରଚାଳନ କମିଟି ଜିଲ୍ଲା/ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗ/ ସଂସ୍ଥା ସହ ସମନ୍ୱୟ ରକ୍ଷା କରିବେ ।

ଚ. ରାଜ୍ୟ ସ୍ତରୀୟ ପ୍ରଚାଳନ କମିଟି :
ନିମ୍ନମତେ ରାଜ୍ୟ ସ୍ତରୀୟ ପ୍ରଚାଳନ କମିଟି ଗଠିତ ହେବ

୧. ଜଙ୍ଗଲ ମନ୍ତ୍ରୀ - ସଭାପତି

୨. ମୁଖ୍ୟ ଶାସନ ସଚିବ / ଅତିରିକ୍ତ ମୁଖ୍ୟ ଶାସନ ସଚିବ - ଉପସଭାପତି
(ଯିଏ ଜଙ୍ଗଲ ବିଭାଗ ତତ୍ତ୍ୱାବଧାନ କରୁଥିବେ)

୩. ପ୍ରମୁଖ ଶାସନ ସଚିବ (ଜଙ୍ଗଲ ଓ ପରିବେଶ ବିଭାଗ) - ସଦସ୍ୟ

୪. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ - ସଦସ୍ୟ

୫. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) - ସଦସ୍ୟ

୬. କ୍ଷେତ୍ର ଦାୟିତ୍ୱରେ ଥିବା ୨ ଜଣ ବନ ସଂରକ୍ଷକ (ପ୍ରଧାନ
ମୁଖ୍ୟ ବନ ସଂରକ୍ଷକ ମନୋନୀତ କରିବେ) - ସଦସ୍ୟ

୭. ସଚିବ, ରାଜସ୍ୱ ବିଭାଗ - ସଦସ୍ୟ

| | | | |
|---|---|---|---|
| ୮. | ସଚିବ, ଗୃହ ବିଭାଗ | - | ସଦସ୍ୟ |
| ୯. | ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ | - | ସଦସ୍ୟ |
| ୧୦. | ସଚିବ, ପଞ୍ଚାୟତ ରାଜ ବିଭାଗ | - | ସଦସ୍ୟ |
| ୧୧. | ସଚିବ, ଅନୁସୂଚିତ ଜାତି/ ଜନଜାତି ବିଭାଗ | - | ସଦସ୍ୟ |
| ୧୨. | ସରକାରଙ୍କ ଦ୍ୱାରା ମନୋନୀତ ୨ ଜଣ ବିଶେଷଜ୍ଞ (ଅଣ କର୍ମଚାରୀ) | - | ସଦସ୍ୟ |
| ୧୩. | ସ୍ୱତନ୍ତ୍ର ସଚିବ ଜଙ୍ଗଲ ଓ ପରିବେଶ ବିଭାଗ | - | ସଦସ୍ୟ |
| ୧୪. | ସରକାରଙ୍କ ଦ୍ୱାରା ମନୋନୀତ ଯୁଗ୍ମ ଜଙ୍ଗଲ ପରିଚାଳନା ସମିତିର ୨ ଜଣ ସଭାପତି | - | ସଦସ୍ୟ |
| ୧୫. | ମୁଖ୍ୟ ବନସଂରକ୍ଷକ (ବନୀକରଣ ଓ ସାମାଜିକ ବନୀକରଣ) ପ୍ରଧାନ ମୁଖ୍ୟ ବନସଂରକ୍ଷକଙ୍କ କାର୍ଯ୍ୟାଳୟ, ଓଡ଼ିଶା ସଚିବ | - | ସଦସ୍ୟ |

ଛ. ରାଜ୍ୟସ୍ତରୀୟ ପ୍ରଚାଳନ କମିଟିର ଅଣ କର୍ମଚାରୀ ସଦସ୍ୟମାନଙ୍କର କାର୍ଯ୍ୟକାଳ ୩ ବର୍ଷ ହେବ ।

ଜ. ବର୍ଷକୁ ଥରେ ରାଜ୍ୟସ୍ତରୀୟ ପ୍ରଚାଳନ କମିଟିର ବୈଠକ ବସି ରାଜ୍ୟରେ ଚାଲିଥିବା ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମର ସମୀକ୍ଷା କରିବେ । 'ଯୁଗ୍ମ ଜଙ୍ଗଲ ପରିଚାଳନା', ସମ୍ପର୍କିତ ଯେ କୌଣସି ସମସ୍ୟା ସମ୍ପର୍କରେ ରାଜ୍ୟ ପ୍ରଚାଳନ କମିଟି ପୁଙ୍ଖାନୁପୁଙ୍ଖ ତର୍ଜମା କରି ପାରିବେ ଏବଂ ରାଜ୍ୟରେ ଚାଲିଥିବା ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମକୁ ଆଗେଇ ନେବାରେ ବାଟ ଦେଖାଇବେ । ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମକୁ ଠିକଣା ବାଟରେ ଆଗେଇ ନେବାକୁ ଆବଶ୍ୟକ ପଡ଼ିଲେ ରାଜ୍ୟସ୍ତରୀୟ ପ୍ରଚାଳନ କମିଟି, ସମ୍ମିଳିତ ଜଙ୍ଗଲ ପରିଚାଳନା ବିଧି ବ୍ୟବସ୍ଥାରେ ସଂଶୋଧନ ପାଇଁ ସୁପାରିଶ କରିପାରିବେ ।

**୧୬. ନିରସନ ଏବଂ ବ୍ୟାବୃତ୍ତି :**

ଏହା ଜଙ୍ଗଲ ଓ ପରିବେଶ ବିଭାଗର ସଂକଳ୍ପ ସଂଖ୍ୟା 16700-10F(Pron)-30/93-F & E, dt.3.7.1993କୁ ଅଧିକ୍ରାନ୍ତ କରିବ । ଯଦିଓ ଜଙ୍ଗଲ ଓ ପରିବେଶ ବିଭାଗ ସଂକଳ୍ପ ସଂଖ୍ୟା 16700-10F(Pron)-30/93-F & E, dt.3.7.1993ଅଧିନରେ ଗଠିତ ସମସ୍ତ ବନସଂରକ୍ଷଣ ସମିତି ସ୍ୱୀକୃତ ହେବ ଏବଂ ଏହି ସଂକଳ୍ପ ଅନୁଯାୟୀ ଗଠିତ ବୋଲି ଧରାହେବ ।

**ନିର୍ଦ୍ଦେଶନାମା**

ନିର୍ଦ୍ଦେଶ ଦିଆଗଲା ଯେ, ଏହି ସଂକଳ୍ପନାମା ଓଡ଼ିଶା ରାଜପତ୍ରର ଅସାଧାରଣ ସଂଖ୍ୟାରେ ପ୍ରକାଶିତ ହେବ ।

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ

ସରକାରଙ୍କ ପ୍ରମୁଖ ଶାସନ ସଚିବ

ଜଙ୍ଗଲ ଓ ପରିବେଶ ବିଭାଗ

# ପରିଶିଷ୍ଟ - ଖ

# ହିସାବ ରକ୍ଷଣ ପଦ୍ଧତି, କର୍ମଚାରୀ ଓ ଅଣ କର୍ମଚାରୀଙ୍କ କର୍ତ୍ତବ୍ୟ

## ୧. ବନସଂରକ୍ଷଣ ସମିତିର ହିସାବ ଓ ହିସାବ ରକ୍ଷଣ ପଦ୍ଧତି

କ. ପ୍ରତ୍ୟେକ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଗୋଟିଏ ବିକାଶ ପାଣ୍ଠି ରହିବ, ଯେଉଁଥିରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗ୍ରହଣ କରିଥିବା ସମସ୍ତ ରାଶିକୁ ଯେ କୌଣସି କାର୍ଯ୍ୟପାଇଁ ବ୍ୟବହାର କରିବା ପୂର୍ବରୁ ଏହି ବିକାଶ ପାଣ୍ଠିରେ ଜମା କରାଯିବ । କାର୍ଯ୍ୟନିର୍ବାହୀ ସମିତିଠାରୁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସମ୍ପର୍କରେ ସଂକଳ୍ପ ପାଇବା ପରେ, ବନଖଣ୍ଡ ଅଧିକାରୀ ଯେ କୌଣସି ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ଗ୍ରାମୀଣ ବ୍ୟାଙ୍କ (ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଅନୁମୋଦିତ) କିମ୍ବା ପୋଷ୍ଟ ଅଫିସ୍‌ରେ ଜମା ଖାତା ଖୋଲିବା ପାଇଁ ସୁପାରିଶ କରିବେ ଯାହା "ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଜମାଖାତା" ବୋଲି କୁହାଯିବ । ଏହି ଆକାଉଣ୍ଟ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଭାପତି ଓ ସଦସ୍ୟ ସଚିବଙ୍କ ଯୁଗ୍ମ ଦସ୍ତଖତରେ ପରିଚାଳିତ ହେବ । (ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ନିଜ ଗ୍ରାମ ସମିପସ୍ଥ ଯେ କୌଣସି ଏକ ଜାତୀୟକରଣ ବ୍ୟାଙ୍କ,ସମବାୟ ବ୍ୟାଙ୍କ, ଗ୍ରାମୀଣ ବ୍ୟାଙ୍କ , ଡାକଘରେ, ଜମାଖାତା ଖୋଲି ପାରିବେ । ଜମାଖାତା '(ଗ୍ରାମର ନାମ) ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଜମାଖାତା' ଶୈଳୀରେ ଖୋଲାହେବ । ନଗଦ ବା ସାଧନ ଆକାରରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗ୍ରହଣ କରୁଥିବା ପ୍ରତ୍ୟେକ ରାଶି ଯେ କୌଣସି କାରଣ ପାଇଁ ଖର୍ଚ୍ଚ ହେବା ପୂର୍ବରୁ ଜମାଖାତାରେ ଗଚ୍ଛିତ ହେବ । ଏହି ଜମାଖାତା ଯୁଗ୍ମ ଭାବରେ ସଭାପତି ଏବଂ ସଦସ୍ୟ ସଚିବଙ୍କ ଦ୍ୱାରା ପରିଚାଳିତ ହେବ)

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଜମାଖାତାରୁ ଯେ କୌଣସି ଉଠାଣ ପୂର୍ବରୁ କାର୍ଯ୍ୟନିର୍ବାହୀ ସମିତି ଏ ସକ୍ରାନ୍ତିୟ ଗୋଟାଏ ରିଜୋଲ୍ୟୁସନ୍ କରିବେ ଏବଂ ଏହି ରିଜୋଲ୍ୟୁସନର ଗୋଟିଏ ସପ୍ତାହ ପରେ ଉଠାଣ ହୋଇପାରିବ। ଏହି ରିଜୋଲ୍ୟୁସନ୍‌ର ଏକ କିତା ନକଲ ସମ୍ପୃକ୍ତ ରେଞ୍ଜ୍ ଅଧିକାରୀଙ୍କୁ ପଠାଯିବ ଏବଂ ଯଦି ତାଙ୍କର ଭିନ୍ନ ମତ ଥାଏ ତେବେ ସିଏ ନିଜର ମତାମତ ଗୋଟିଏ ସପ୍ତାହ ଭିତରେ ଦେବେ । ଏହି ପରିସ୍ଥିତିରେ କାର୍ଯ୍ୟନିର୍ବାହୀ ସମିତି ପ୍ରସ୍ତାବଟିକୁ ପୁର୍ନବିଚାର କରି ସେହି ଅନୁଯାୟୀ ନିଷ୍ପତ୍ତି ନେବେ ।

ଗ. ଜମା ଖାତାରେ ଜମା କରା ଯାଇଥିବା ସମସ୍ତ ରାଶି ଜଙ୍ଗଲର ସଂରକ୍ଷଣ ଓ ବିକାଶ, ଗାଁର ବିକାଶ ତଥା ଅଣୁ ଯୋଜନା ଜନିତ ଯେ କୌଣସି ଆନୁସଙ୍ଗିକ କାର୍ଯ୍ୟପାଇଁ ବ୍ୟୟ କରାଯାଇ ପାରିବ ।

ଘ. ଯଦି କାର୍ଯ୍ୟନିର୍ବାହୀ ସମିତି 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି/ ଜୈବ ମଣ୍ଡଳ ବିକାଶ ସମିତି'ର ଜମା ରାଶିରୁ ଅନ୍ୟ ଉଦ୍ଦେଶ୍ୟରେ ଅର୍ଥ ବ୍ୟୟ କରିବାକୁ ଚାହେଁ ତା ହେଲେ ଏଥିପାଇଁ ତାକୁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସାଧାରଣ ପରିଷଦର ଅନୁମୋଦନ ଏବଂ ପରେ ବନଖଣ୍ଡ ଅଧିକାରୀଙ୍କଠାରୁ ଲିଖିତ ଅନୁମତି ପ୍ରାପ୍ତ କରିବାକୁ ହେବ ।

ଙ. ସରକାର/ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଜମା ଖାତାର ପରିଚାଳନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଆଦେଶ ପ୍ରଦାନ କରିପାରିବେ, ଯାହାକୁ କି କାର୍ଯ୍ୟନିର୍ବାହୀ ସମିତି ମାନିବା ପାଇଁ ବାଧ୍ୟ ହେବେ । ଯଦି କୌଣସି ଆର୍ଥିକ ଅନିୟମିତତା ଦୃଷ୍ଟିଗୋଚର ହୁଏ ତାହେଲେ ବନଖଣ୍ଡ ଅଧିକାରୀ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଜମାଖାତାକୁ ସାମୟିକ ଅଚଳ କରିଦେଇ ଆବଶ୍ୟକୀୟ ଅନୁସନ୍ଧାନ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ ।

ଚ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟ ସଚିବ ମାସିକ ହିସାବ ଫର୍ଦ୍ଦ ଦାଖଲ ଏବଂ କ୍ୟାସ ବୁକ୍ ଲେଖା କାର୍ଯ୍ୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଉତ୍ତରଦାୟୀ ରହିବେ । ଜଙ୍ଗଲ ବିଭାଗରେ ଯେଉଁ ପଦ୍ଧତିରେ ହିସାବ ରଖାଯାଏ ସେହି ପଦ୍ଧତିରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ହିସାବ ରଖାଯିବ ।

ଛ. କାର୍ଯ୍ୟନିର୍ବାହୀ ସମିତି ସହ ପରାମର୍ଶ କରି (ବନପାଳ) ଫରେଷ୍ଟର ଗୋଟିଏ ମାସିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବେ ଏବଂ ଫରେଷ୍ଟ ରେଞ୍ଜ ଅଫିସର (ବନସୀମା ଅଧିକାରୀ)ଙ୍କ ଅନୁମୋଦନ ନେଇ, ଏଥିପାଇଁ ଆବଶ୍ୟକୀୟ ପାଣ୍ଠିର ସ୍ଥିତି ଆଧାରରେ, କାର୍ଯ୍ୟକାରୀ କରିପାରିବେ । ଏହି ଅନୁଯାୟୀ ଆବଶ୍ୟକୀୟ ପାଣ୍ଠି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଜମା ଖାତାରୁ ଉଠାଯିବ ।

ଜ. କାର୍ଯ୍ୟନିର୍ବାହୀ ସମିତି ସବୁ ଭାଉଚର ପାଶ୍ କରିବେ ଏବଂ ସଦସ୍ୟ ସଚିବ ଓ ସଭାପତି / କୋଷାଧ୍ୟକ୍ଷଙ୍କ ଦ୍ୱାରା ଏହା ସ୍ୱାକ୍ଷରିତ ହେବ ଏବଂ ଏହା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସ୍ତରରେ ରହିବ। ସଦସ୍ୟ ସଚିବ ପ୍ରତିମାସର ଦଶ ତାରିଖ ସୁଦ୍ଧା ପୂର୍ବମାସର ସମସ୍ତ ଆୟ ଓ ବ୍ୟୟ ସମ୍ପର୍କିତ ହିସାବ ଫର୍ଦ୍ଦ, ଭାଉଚର ସମ୍ପୃକ୍ତ ବନ ସୀମା ଅଧିକାରୀ (ରେଞ୍ଜ ଅଧିକାରୀ)ଙ୍କ ଠାରେ ଉପସ୍ଥାପିତ କରିବେ । ବନସୀମା ଅଧିକାରୀ ନିଜ ସୀମା ଅଧିନରେ ଥିବା ସମସ୍ତ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଏକ ମାସିକିଆ ଆୟ ବ୍ୟୟର ହିସାବ ପ୍ରସ୍ତୁତ କରି ବନଖଣ୍ଡ ଅଧିକାରୀଙ୍କଠାରେ ସେହି ମାସର ୧୫ ତାରିଖ ଭିତରେ ଉପସ୍ଥାପନ କରିବେ ।

ଝ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ମାସିକ ହିସାବ ଫର୍ଦ୍ଦ ପାଇବା ପରେ ରେଞ୍ଜ ଅଧିକାରୀ (ବନସୀମା ଅଧିକାରୀ) ସେ ସବୁର ତନଖି କରିବେ ଏବଂ ଆବଶ୍ୟକ ପଡ଼ିଲେ କ୍ଷେତ୍ର ପରିଦର୍ଶନ କରି ଭାଉଚର

ଗୁଡ଼ିକୁ ପ୍ରତିସ୍ୱାକ୍ଷର କରିବେ । ତାପରେ ରେଞ୍ଜ ଅଧିକାରୀ ତାଙ୍କ ରେଞ୍ଜ ଅଧିନରେ ଥିବା ସମସ୍ତ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଆୟ ବ୍ୟୟ ସମ୍ପର୍କୀତ ହିସାବର ଏକ ବିବୃତି ଫର୍ଦ୍ଦ ପ୍ରସ୍ତୁତ କରି ନିଜର ମନ୍ତବ୍ୟ ସହ ବନ ଖଣ୍ଡ ଅଧିକାରୀଙ୍କ ନିକଟକୁ ପଠାଇବେ । ଯଦି ବନସୀମା ଅଧିକାରୀ (ରେଞ୍ଜ ଅଧିକାରୀ) କୌଣସି ବ୍ୟୟ ଉପରେ ଆପତ୍ତି ଉଠାଇଥାନ୍ତି ତାହେଲେ ଉପଯୁକ୍ତ ବିଧି ଅନୁପାଳନ ପାଇଁ ସେ ସଂକ୍ରାନ୍ତରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସମିତିକୁ ଲିଖିତ ସୂଚନା ଦେବେ ଏବଂ ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇବେ । ଏ ସଂପର୍କରେ ବନଖଣ୍ଡ ଅଧିକାରୀଙ୍କ ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି ।

ଞ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ବାର୍ଷିକ ଆୟ ବ୍ୟୟ ଫର୍ଦ୍ଦକୁ ବନସଂରକ୍ଷକଙ୍କ ଦ୍ୱାରା ନିଯୋଜିତ ସମୀକ୍ଷକ, ସମୀକ୍ଷା କରିବେ । ଏହାକୁ ଗୃହୀତ କରିବାପାଇଁ ସାଧାରଣ ପରିଷଦରେ ଉପସ୍ଥାପିତ କରାଯିବ । ସାଧାରଣ ପରିଷଦ ଦ୍ୱାରା ଅନୁମୋଦିତ ଏବଂ ସମୀକ୍ଷତ ବାର୍ଷିକ ହିସାବ ଫର୍ଦ୍ଦକୁ ସମ୍ପୃକ୍ତ ରେଞ୍ଜ ଅଧିକାରୀ (ସୀମା ଅଧିକାରୀ) ଓ ବନଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରାଯିବ ।

**୨. ସଭାପତିଙ୍କ କର୍ତ୍ତବ୍ୟ :-**

କ. ଦରକାର ବେଳେ ସଂକଳ୍ପର ବିହିତ ବ୍ୟବସ୍ଥା ମୁତାବକ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟ ସଚିବଙ୍କୁ କାର୍ଯ୍ୟନିର୍ବାହୀ ସମିତି ବୈଠକ ଓ ସାଧାରଣ ପରିଷଦ ବୈଠକ ଡାକିବାକୁ ଅନୁରୋଧ କରିବା ।

ଖ. କାର୍ଯ୍ୟନିର୍ବାହୀ ସମିତି ଓ ସାଧାରଣ ପରିଷଦ ବୈଠକରେ ସଭାପତିତ୍ୱ କରିବା ।

ଗ. ପାରା (୧୪-ଗ) ମୁତାବକ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ତରଫରୁ ବୁଝାମଣା ପତ୍ର ସ୍ୱାକ୍ଷର କରିବା ।

ଘ. ସଦସ୍ୟ ସଚିବଙ୍କ ସହ ମିଶି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି/ଜୈବ ମଣ୍ଡଳ ବିକାଶ କମିଟିର ଜମାଖାତାକୁ ପରିଚାଳନା କରିବା ।

ଙ. ସଦସ୍ୟ ସଚିବଙ୍କ ସହ ମିଶି ସମସ୍ତ ଭାଉଚର, ଖର୍ଚ୍ଚ, ହାଜିରା ଖାତା, ମାପ ଖାତା ଏବଂ ଉପଯୋଗ ପ୍ରମାଣ ପତ୍ରରେ ପ୍ରତିସ୍ୱାକ୍ଷର କରିବା । (ସଭାପତି ଏହି କାର୍ଯ୍ୟ ପାଇଁ କୋଷାଧକ୍ଷଙ୍କୁ ପ୍ରାଧିକୃତ କରିପାରିବେ ।)

ଚ. ଅଣୁଯୋଜନା / ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ମାସିକ କାର୍ଯ୍ୟ ଯୋଜନାକୁ ସୁନିଶ୍ଚିତ କରିବା ।

ଛ. କାର୍ଯ୍ୟ ନିର୍ବାହୀ ସମିତି ଅଥବା ସାଧାରଣ ପରିଷଦ ଦ୍ୱାରା ପ୍ରାଧିକୃତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କରିବା ।

**୩. ଉପସଭାପତିଙ୍କ କର୍ତ୍ତବ୍ୟ :-**

କ. ସଭାପତିଙ୍କ ଅନୁପସ୍ଥିତିରେ ବା ସଭାପତିଙ୍କ ନିର୍ଦ୍ଦେଶରେ ସଭାପତିଙ୍କର ସମସ୍ତ କର୍ତ୍ତବ୍ୟ ତୁଲାଇବା ।

ଖ. କାର୍ଯ୍ୟ ନିର୍ବାହୀ ସମିତି ବା ସାଧାରଣ ପରିଷଦ ଦ୍ୱାରା ନିର୍ଦ୍ଦେଶିତ / ପ୍ରାଧିକୃତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କରିବା ।

**୪. କୋଷାଧ୍ୟକ୍ଷଙ୍କ କର୍ତ୍ତବ୍ୟ :-**

କ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ହିସାବ କିତାବ ରଖିବାରେ ଏବଂ ହିସାବ ଫର୍ଦ୍ଦ ଉପସ୍ଥାପିତ କରିବା କାର୍ଯ୍ୟରେ ସଦସ୍ୟ ସଚିବଙ୍କୁ ସହାୟତା କରିବା ।

ଖ. ଯଦି ସଭାପତିଙ୍କ ଦ୍ୱାରା ପ୍ରାଧିକୃତ ହୋଇଥାଆନ୍ତି ତାହେଲେ ଭାଉଚର, ହାଜିରା ଖାତା, ମାପବହିରେ ପ୍ରତିସ୍ୱାକ୍ଷର କରିବା ।

ଗ. ଅଣୁ ଯୋଜନା ବ୍ୟବସ୍ଥା ଅନୁଯାୟୀ ମଧ୍ୟବର୍ତ୍ତିକାଳୀନ / ପରିପକ୍ୱ ଅମଳ ପାଇଁ ହେଉଥିବା ଆୟ ବ୍ୟୟ ତଥା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଓ ଜଙ୍ଗଲ ବିଭାଗ ମଧ୍ୟରେ ଥିବା ଲାଭାଂଶର ହିସାବ କିତାବ ରଖିବେ । ଜୈବମଣ୍ଡଳ ବିକାଶ ସମିତି କ୍ଷେତ୍ରରେ ବିଭିନ୍ନ ବିକାଶ ମୂଳକ ଯୋଜନା ମାଧ୍ୟମରେ ସମିତିର ସଦସ୍ୟମାନେ ପାଇଥିବା ଲାଭର ସବିଶେଷ ବିବରଣୀ ରଖିବେ ।

**୫. ବନ ସଂରକ୍ଷକଙ୍କ କର୍ତ୍ତବ୍ୟ :-**

କ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କାର୍ଯ୍ୟ ଦକ୍ଷତା ସମୀକ୍ଷା କରିବା । ସରକାରଙ୍କ ଦ୍ୱାରା ନ୍ୟସ୍ତ କରାଯାଇଥିବା ଆର୍ଥିକ କ୍ଷମତା ଆଧାରରେ ବାର୍ଷିକ କାର୍ଯ୍ୟ ଯୋଜନାକୁ ଅନୁମୋଦନ ଓ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିବା ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ବାର୍ଷିକ ହିସାବ ସମୀକ୍ଷା ପାଇଁ ପଞ୍ଜିକୃତ ସମୀକ୍ଷକ ନିଯୁକ୍ତି କରି ସେହି ଆର୍ଥିକ ବର୍ଷର ହିସାବ ସମୀକ୍ଷା ରିପୋର୍ଟ ମଇ ମାସ ଭିତରେ ଶେଷ କରିବା ।

ଗ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ ଭାଙ୍ଗି ଦିଆଯାଇଥିଲେ ତତ୍ ସଂକ୍ରାନ୍ତୀୟ ଆବେଦନର ଶୁଣାଣି କରିବା ଏବଂ ଉଭୟ ପକ୍ଷକୁ ଶୁଣିବାପରେ ଆବଶ୍ୟକୀୟ ଅର୍ଥ ଅସୁଲ ପାଇଁ ଆଦେଶ ପ୍ରଦାନ କରିବା ।

## ୬. ବନ ଖଣ୍ଡ ଅଧିକାରୀଙ୍କ କର୍ତ୍ତବ୍ୟ :-

କ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ ପଞ୍ଜିକୃତ କରିବା ଏବଂ ଏହାକୁ ପଞ୍ଜିକରଣ ସଂଖ୍ୟା ପ୍ରଦାନ କରିବା ।

ଖ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କାର୍ଯ୍ୟ ଦକ୍ଷତାର ମୂଲ୍ୟାୟନ ଓ ପର୍ଯ୍ୟାଲୋଚନା କରିବା ।

ଗ. ପ୍ରାଧିକୃତ ଆର୍ଥିକ ସୀମା ମଧ୍ୟରେ ଆସୁଥିବା କାର୍ଯ୍ୟ ଯୋଜନାକୁ ଅନୁମୋଦନ କରି ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିବା ।

ଘ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି/ଜୈବ ମଣ୍ଡଳ ବିକାଶ କମିଟିର ସଭାପତି ଓ ସଦସ୍ୟ ସଚିବଙ୍କ ନାମରେ ଜାତୀୟକରଣ ବ୍ୟାଙ୍କ, ସମବାୟବ୍ୟାଙ୍କ (ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତ) କିମ୍ବା ଡାକ ଘରେ ଜମା ଖାତା ଖୋଲାଇବା ଏବଂ ଏହାର ପରିଚାଳନାକୁ ସୁନିଶ୍ଚିତ କରିବା ।

ଙ. ଅଣୁଯୋଜନା ପ୍ରସ୍ତୁତ ଓ ଏହାର କାର୍ଯ୍ୟକାରୀତା ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ ପ୍ରଶିକ୍ଷଣ ପ୍ରଦାନ କରିବା, ସହଯୋଗ କରିବା ।

ଚ. ସରକାରଙ୍କ ଅନ୍ୟାନ୍ୟ ବିଭାଗ ଏବଂ ସଂସ୍ଥା ସହ ସମନ୍ୱୟ ରକ୍ଷାକରି ଅଣୁଯୋଜନା କାର୍ଯ୍ୟକାରୀ କରିବାକୁ ଆବଶ୍ୟକୀୟ ପୁଞ୍ଜି ଉପଲବ୍ଧ କରିବା ।

ଛ. ମହିଳାମାନଙ୍କ ସମେତ ସମାଜର ସମସ୍ତ ଦୁର୍ବଳ ବର୍ଗର ଲୋକଙ୍କୁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି/ଜୈବମଣ୍ଡଳ ବିକାଶ ସମିତି ନିଷ୍ପତ୍ତି ପ୍ରକ୍ରିୟାରେ ସାମିଲ କରାଇବା ଏବଂ ସମସ୍ତଙ୍କୁ ଉପଯୁକ୍ତ ଲାଭାଂଶ ବଣ୍ଟନକୁ ସୁନିଶ୍ଚିତ କରିବା ।

ଜ. ଆବଶ୍ୟକତା ଅନୁଯାୟୀ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗରେ ଅଣୁଯୋଜନା / ବାର୍ଷିକ କାର୍ଯ୍ୟଯୋଜନା ମୁତାବକ ଜଙ୍ଗଲ ଜାତ ଦ୍ରବ୍ୟର ଅମଳ ଓ ବିପଣନକୁ ସୁନିଶ୍ଚିତ କରିବା ।

ଝ. ବନଖଣ୍ଡ ଅଧିନସ୍ଥ ସମସ୍ତ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିଙ୍କ ଦ୍ୱାରା ପ୍ରଦତ୍ତ ହିସାବ ଫର୍ଦ୍ଦର ବିବରଣୀ ଲିପିବଦ୍ଧ କରିବା, କ୍ଷେତ୍ର ପରିଦର୍ଶନ କରିବା, ବନ ସଂରକ୍ଷକ / ସମୁଚିତ ପ୍ରାଧିକାରୀ / ଅନୁଦାନ ପ୍ରଦାନକାରୀ ସଂସ୍ଥାକୁ ସମୀକୃତ ହିସବା ଫର୍ଦ୍ଦ ପ୍ରଦାନ କରିବା ।

ଞ. ବନଖଣ୍ଡ ଅଧିକାରୀ ନିଜେ କିମ୍ବା ସହକାରୀ ବନସଂରକ୍ଷକଙ୍କ ଜରିଆରେ ଯେ କୌଣସି ସମୟରେ ହିସାବର ଅନୁସନ୍ଧାନ କିମ୍ବା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କାର୍ଯ୍ୟକଳାପକୁ ଅନୁଧ୍ୟାନ

କରିପାରିବେ ଏବଂ ଯଦି ଅର୍ଥ ତୋଷାରପାତ ବା ଅନିୟମିତତା ତାଙ୍କ ଦୃଷ୍ଟିକୁ ଆସେ ତେବେ ସେ ଏଥିପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

ଟ. କାର୍ଯ୍ୟ ନିର୍ବାହୀ ସମିତି ଏବଂ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ ପାରା ୯ (କ) ଏବଂ (ଖ) ଅନୁଯାୟୀ ଭାଙ୍ଗିଦେବା ଅଥବା ପାରା ୯ (ଗ) ଅନୁଯାୟୀ ଏହାଠାରୁ କ୍ଷମତା ପ୍ରତ୍ୟାହାର କରିନେବା ।

ଠ. କେତେକ ବିଶେଷ ପରିସ୍ଥିତିରେ ସାମୟିକ ବିକଳ୍ପ ବ୍ୟବସ୍ଥା କରିବାକୁ ପଡ଼ିଲେ ବନସଂରକ୍ଷକଙ୍କ ପୁର୍ବାନୁମତି ନେଇ ବନଖଣ୍ଡ ଅଧିକାରୀ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟ ସଚିବଙ୍କ ସମସ୍ତ କାର୍ଯ୍ୟ ଓ କ୍ଷମତାକୁ ସଂପୃକ୍ତ ରେଞ୍ଜ ଅଧିକାରୀଙ୍କ ହସ୍ତରେ ନ୍ୟସ୍ତ କରିଦେଇ ପାରିବେ ।

## ୭. ସହକାରୀ ବନ ସଂରକ୍ଷକଙ୍କ କର୍ତ୍ତବ୍ୟ

କ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କାର୍ଯ୍ୟଦକ୍ଷତାକୁ ପର୍ଯ୍ୟାଲୋଚନା ଓ ମୂଲ୍ୟାୟନ କରିବା ।

ଖ. ଅଣୁଯୋଜନା / ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତି ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନା ସମିତି ସଦସ୍ୟମାନଙ୍କୁ ଆବଶ୍ୟକୀୟ ବୈଷୟିକ ସହାୟତା ଯୋଗାଇଦେବା ଓ ଦିଗ୍‌ଦର୍ଶନ ଦେବା ।

ଗ. ଜିଲ୍ଲା ସ୍ତରୀୟ ସମିତିର ସଦସ୍ୟ ହିସାବରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ ଦିଆଯାଇଥିବା ଜଙ୍ଗଲର ପରିସୀମା ଆକଳନ କରିବା ପାଇଁ କ୍ଷେତ୍ର ପରିଦର୍ଶନ ଓ ଅନୁସନ୍ଧାନ କରିବା ।

ଘ. ଯୁଗ୍ମ ପରିଚାଳନା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶମତେ ଅନ୍ୟାନ୍ୟ କାର୍ଯ୍ୟ କରିବା ।

## ୮. ବନସୀମା ଅଧିକାରୀ (ରେଞ୍ଜ ଅଧିକାରୀ)ଙ୍କ କର୍ତ୍ତବ୍ୟ :-

କ. ପ୍ରାଥମିକ ଅବସ୍ଥାରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ ପାଇଁ ଆବଶ୍ୟକ ଗ୍ରାମସଭା ଡକାଇବାକୁ ବନପାଳଙ୍କୁ ପଥ ପ୍ରଦର୍ଶନ କରିବା ।

ଖ. କାର୍ଯ୍ୟନିର୍ବାହୀ ସମିତି ଗଠନ ପ୍ରକ୍ରିୟାକୁ ତଦାରଖ କରିବା ଏବଂ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ନିର୍ବାଚନ ସମୟରେ ନିର୍ବାଚନ ଅଧିକାରୀର କାର୍ଯ୍ୟ ତୁଲାଇବା ।

ଗ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ ଅଣୁଯୋଜନା ଓ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ପାଇଁ ସହାୟତା ଓ ପ୍ରଶିକ୍ଷଣ ଦେବା ।

ଘ. ଅର୍ନ୍ତଦ୍ୱନ୍ଦ ସମାଧାନ କରିବା ଏବଂ କାର୍ଯ୍ୟ ସମ୍ପାଦନା କ୍ଷେତ୍ରରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟମାନଙ୍କୁ ସହାୟତା କରିବା ।

ଙ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସମସ୍ତ ସ୍ୱତନ୍ତ୍ର / ଜରୁରୀ କାଳୀନ ବୈଠକରେ ରେଞ୍ଜ ଅଫିସର ନିଶ୍ଚୟ ଯୋଗଦେବେ ଏବଂ ଚାହିଁଲେ କାର୍ଯ୍ୟନିର୍ବାହୀ ସମିତି / ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଅନ୍ୟ ସମସ୍ତ ବୈଠକରେ ମଧ୍ୟ ଯୋଗଦେଇ ପାରିବେ ।

ଚ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ କ୍ରମିକ ସଂଖ୍ୟା ଉଲ୍ଲେଖ ଥିବା, ପୃଷ୍ଠାଗୁଡ଼ିକ ପ୍ରମାଣିକୃତ ହୋଇଥିବା ତଥା ଅଧିପ୍ରମାଣିତ ହୋଇଥିବା ହିସାବ ଖାତା, ହାଜିରା ଖାତା ଓ ମାପ ଖାତା ପ୍ରଦାନ କରିବେ ଏବଂ ଏ ସମ୍ପର୍କିତ ତଥ୍ୟ ଲିପିବଦ୍ଧ କରି ରଖିବେ ।

ଛ. କ୍ଷେତ୍ର ପରିବେକ୍ଷଣ କରି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା କରାଯାଇଥିବା କାର୍ଯ୍ୟର ତ୍ରୁଟିକୁ ସୁଧାରିବା ପାଇଁ କାର୍ଯ୍ୟନିର୍ବାହୀ ସମିତିକୁ ନିଜର ମତାମତ ଦେବା ।

ଜ. ପାରା ୬ (ଠ) ଅନୁଯାୟୀ ବିଶେଷ ପରିସ୍ଥିତିରେ ବନ ଖଣ୍ଡ ଅଧିକାରୀଙ୍କ ଦ୍ୱାରା ପ୍ରାଧିକୃତ ହୋଇ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟ ସଚିବଙ୍କର ସମସ୍ତ କାର୍ଯ୍ୟ କରିବେ ।

ଝ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ଜଙ୍ଗଲ ଅପରାଧ ଧରାପଡ଼ିବା ପରେ ଆଇନ ଅନୁଯାୟୀ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଜବତ କରା ଯାଇଥିବା ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୟ ଅର୍ଥରୁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଯେପରି ତାଙ୍କର ଯଥାଯୋଗ୍ୟ ପ୍ରାପ୍ୟ ପାଇବେ ସେ କଥା ସୁନିଶ୍ଚିତ କରିବେ ।

ଞ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିକୁ ନ୍ୟସ୍ତ କରା ଯାଇଥିବା ଜଙ୍ଗଲ ଅଞ୍ଚଳର ସୀମା ଚିହ୍ନଟ କରିବେ ।

ଟ. ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଆୟ ବ୍ୟୟର ରସିଦ୍ ଦାଖଲ କରିବେ ।

**୯. ଜଙ୍ଗଲ ପ୍ରସାରଣ ଅଧିକାରୀଙ୍କ କର୍ତ୍ତବ୍ୟ :-**

କ. ରେଞ୍ଜପରିଧି ମଧ୍ୟରେ ଯୁଗ୍ମ ଜଙ୍ଗଲ ପରିଚାଳନା ବାର୍ତ୍ତା ପ୍ରଚାର କ୍ଷେତ୍ରରେ ସେ ମୁଖ୍ୟ ବାହକ ରୂପେ ପରିଗଣିତ ହେବେ ।

ଖ. ସେ ଗ୍ରାମବାସୀ / ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ସହ ଭାବ ଆଦାନ ପ୍ରଦାନ କରିବେ ଏବଂ ଗ୍ରାମ ଗୁଡ଼ିକର ସାମାଜିକ ଅର୍ଥନୈତିକ ଚିତ୍ରପଟ୍ଟ ସଂଗ୍ରହ କରିବେ ।

ଗ. ପି. ଆର୍. ଏ. ତଥା ଅଣୁଯୋଜନା ପ୍ରସ୍ତୁତ କରିବାରେ ସେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ମାନଙ୍କୁ ସହାୟତା ପ୍ରଦାନ କରିବେ ।

ଘ. ରେଞ୍ଜ ଭିତରେ ଚାଲିଥିବା ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମର ମୂଲ୍ୟାୟନ ଓ ପର୍ଯ୍ୟାଲୋଚନା କାର୍ଯ୍ୟରେ ସେ ରେଞ୍ଜ ଅଧିକାରୀଙ୍କୁ ସହାୟତା ପ୍ରଦାନ କରିବେ ।

**୧୦. ବନପାଳ / ଗ୍ରାମ୍ୟ ଜଙ୍ଗଲ କର୍ମୀଙ୍କ କର୍ତ୍ତବ୍ୟ :-**

କ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ତଥା ଏହାର କାର୍ଯ୍ୟନିର୍ବାହୀ ସମିତିର ସେ ପଦ ପ୍ରଯୁକ୍ତ ସଦସ୍ୟ ସଚିବ ହେବେ ।

ଖ. ସେ କାର୍ଯ୍ୟନିର୍ବାହୀ ସମିତି ଓ ସାଧାରଣ ପରିଷଦ ବୈଠକର ସମସ୍ତ ବିବରଣୀ ଲିପିବଦ୍ଧ କରିବେ ।

ଗ. ସେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ମାସିକ ଆୟ ବ୍ୟୟର ହିସାବ ରଖିବେ । ସେ ମଧ୍ୟ ତାଙ୍କ ଅଧୀନରେ ଥିବା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସମସ୍ତ ବହି ଏବଂ ଭାଉଚରର ଜିମାଦାର ଏବଂ ଏହା ତାଙ୍କର ଦାୟିତ୍ୱ । ସେ ମାସିକ ହିସାବ ଫର୍ଦ୍ଦର ଏକକିତା ନକଲ ରେଞ୍ଜ ଅଫିସରଙ୍କୁ, ସେଇ ମାସର ୧୦ ତାରିଖ ସୁଦ୍ଧା ପ୍ରଦାନ କରିବେ ।

ଘ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଭାପତିଙ୍କ ସହ ସେ ଯୁଗ୍ମ ଭାବରେ ଜମା ଖାତା ପରିଚାଳନା କରିବେ ।

ଙ. ଅଣୁଯୋଜନା ପ୍ରସ୍ତୁତି କରିବା ଓ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟମାନଙ୍କୁ ସହାୟତା କରିବେ ।

ଚ. ତାଙ୍କ ନିୟନ୍ତ୍ରଣାଧିନ ସମସ୍ତ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କାର୍ଯ୍ୟ ସମ୍ପର୍କରେ ସେ ନିରନ୍ତର ବନସୀମା ଅଧିକାରୀ (ରେଞ୍ଜ ଅଫିସର)ଙ୍କୁ ଅବଗତ କରାଇବେ ।

ଛ. ଯଦି ସଭାପତି ସାଧାରଣ ପରିଷଦ ବୈଠକ ନ ଡାକନ୍ତି, ଏପରିକି ବିଶେଷ ପରିସ୍ଥିତିରେ ସାଧାରଣ ପରିଷଦର ଏକ ତୃତୀୟାଂଶ ସଦସ୍ୟଙ୍କର ଦସ୍ତଖତ ଥାଇ ଲିଖିତ ଅନୁରୋଧ ପାଇଲା ପରେ ମଧ୍ୟ, ତାହେଲେ ରେଞ୍ଜ ଅଧିକାରୀଙ୍କ ଅନୁମୋଦନ ପରେ ସଦସ୍ୟ ସଚିବ ସାଧାରଣ ପରିଷଦ ବୈଠକ ଡକାଇ ପାରିବେ ।

ଜ. ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମାରେ ବ୍ୟବସ୍ଥିତ ସଦସ୍ୟ ସଚିବଙ୍କର ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କରିବେ ।

ଝ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ଜଙ୍ଗଲ ଅପରାଧ ଧରାପଡ଼ିବା ପରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଜବତ କରାଯାଇଥିବା ଜଙ୍ଗଲ ଜାତଦ୍ରବ୍ୟ ବିକ୍ରୟ ଲବ୍ଧ

ଅର୍ଥରୁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଯେପରି ତାଙ୍କର ଯଥାଯୋଗ୍ୟ ପ୍ରାପ୍ୟ ପାଇବେ ସେ କଥା ସୁନିଶ୍ଚିତ କରିବେ ।

**୧୧. ବନରକ୍ଷୀଙ୍କ କର୍ତ୍ତବ୍ୟ :-**

କ. ଗାଁରେ ସମସ୍ତ ପ୍ରକାର ବୈଠକ ଡକାଇବା ପାଇଁ ସଦସ୍ୟ ସଚିବଙ୍କୁ ସାହାଯ୍ୟ କରିବେ ।

ଖ. ଅଣୁ ଯୋଜନା / ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତିରେ ଗ୍ରାମବାସୀଙ୍କୁ ସହାୟତା କରିବେ ।

ଗ. ଅଣୁଯୋଜନା ଅନୁମୋଦିତ ପ୍ରକାର ଅନୁସାରେ ଜଙ୍ଗଲ ଫସଲର ଅମଳ ଓ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟମାନଙ୍କ ମଧ୍ୟରେ ଏହାର ବିତରଣ କାର୍ଯ୍ୟ ତଦାରଖ କରିବେ ।

ଘ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ଜଙ୍ଗଲ ଅପରାଧ ଧରାପଡ଼ିବା ପରେ ଆଇନ୍ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ଙ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଏବଂ କାର୍ଯ୍ୟ ନିର୍ବାହୀ ସମିତିର ସମସ୍ତ ବୈଠକର ବିବରଣୀ ଓ ନଥିପତ୍ର ପ୍ରସ୍ତୁତ କରିବାରେ ସେ ସଦସ୍ୟ ସଚିବଙ୍କୁ ସହାୟତା କରିବେ ।

ଚ. ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ଦୈନନ୍ଦିନ କାର୍ଯ୍ୟ ସମ୍ପର୍କରେ ନିରନ୍ତର ସଦସ୍ୟ ସଚିବଙ୍କୁ ଅବଗତ କରାଇବେ ।

ଛ. ବନପାଳ ଅଥବା ରେଞ୍ଜ ଅଧିକାରୀଙ୍କ ନିର୍ଦ୍ଦେଶ ମତେ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବେ ।

# ପରିଶିଷ୍ଟ - ଖ

# ଫର୍ମ-୧

# ସଂକଳ୍ପ

ଆମ୍ଭେ ........................................ଗ୍ରାମ / ଗ୍ରାମସମୂହର ନିମ୍ନଲିଖିତ ଅଧିବାସୀଗଣ ଓଡ଼ିଶା ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମା,୨୦୦୮ ରେ ଥିବା ପ୍ରବଧାନ ଅନୁଯାୟୀ ଏତଦ୍ୱାରା ................................................ ଜଙ୍ଗଲର ଆଂଶିକ/ସମ୍ପୂର୍ଣ୍ଣ ସୁରକ୍ଷା ଓ ପରିଚାଳନା ପାଇଁ ଏକ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି (ବନ ସଂରକ୍ଷଣ କମିଟି /ଜୈବ ମଣ୍ଡଳ ବିକାଶ କମିଟି ) ଗଠନ ପାଇଁ ସଂକଳ୍ପ ଗ୍ରହଣ କରୁଛୁ । ଆମ୍ଭେ ମଧ୍ୟ ଓଡିଶା ଜଙ୍ଗଲ ଆଇନ ୧୯୮୦ ଏବଂ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଏବଂ ଅନ୍ୟାନ୍ୟ କାର୍ଯ୍ୟକାରୀ ହେଉଥିବା ଜଙ୍ଗଲ ନୀତି ଓ ନୀୟମଗୁଡିକୁ ଉଲଘଂନ ନକରିବାକୁ ଅଙ୍ଗିକାରବଦ୍ଧ ।

ଉପରୋକ୍ତ ସଂକଳ୍ପର ସର୍ତ୍ତାବଳୀକୁ ପାଳନ କରିବାରେ ବନ ସୁରକ୍ଷା ସମିତି / ଜୈବମଣ୍ଡଳ ବିକାଶ ସମିତିର କୌଣସି ସଦସ୍ୟ ଅସଫଳ ହେଲେ, ସେହି ସଦସ୍ୟଙ୍କର ସଦସ୍ୟତାକୁ ରଦ୍ଦ କରାଯାଇପାରେ ।

| **ଗ୍ରାମବାସୀଙ୍କ ନାମ** | **ସ୍ୱାକ୍ଷର** |
|---|---|
| ୧. | |
| ୨. | |
| ୩. | |
| ୪. | |
| ୫. | |
| ୬. | |
| ୭. | |
| ୮. | |
| ୯. | |
| ୧୦. | |
| ୧୧. | |
| ୧୨. | |
| ୧୩. | |
| ୧୪. | |

# ଫର୍ମ-୨

## <u>ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ ପାଇଁ ସୁପାରିଶ</u>

ମାନନୀୟ,

ଶ୍ରୀଯୁକ୍ତ ବନଖଣ୍ଡ ଅଧିକାରୀ ................................................................... ବନଖଣ୍ଡ ।

(.................................... ବନସୀମା ଅଧିକାରୀଙ୍କ ଜରିଆରେ)

ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମା - ୨୦୦୮ ପରିଶିଷ୍ଟ ୩-ଖ (୧) ବ୍ୟବସ୍ଥା ଅନୁଯାୟୀ .......................... ଗ୍ରାମ/ ଗ୍ରମସମୁହର ଏକ ଗ୍ରାମ ସଭାର ଆୟୋଜନ କରାଯାଇଥିଲା । ଯୁଗ୍ମ ଜଙ୍ଗଲ ପରିଚାଳନାର ସମସ୍ତ ଆଭିମୁଖ୍ୟ ଯଥା, ସମସ୍ତ ଅଧିକାର, ଦାୟିତ୍ୱ ଏବଂ ଲାଭ ବିଷୟରେ ବିଷଦଭାବେ ଏହି ସଭାରେ ବୁଝାଗଲା । ଏଥିରେ ସନ୍ତୋଷ ଲାଭ କରି ଏହି ଗାଁର ୬୦ ଭାଗ ସାବାଳକ 'ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି'ଟିଏ ଗଠନ କରିବାକୁ ଇଛା ଓ ଆଗ୍ରହ ପ୍ରକାଶ କରିଛନ୍ତି । ମୁଁ ଶ୍ରୀ ............................. ବନପାଳ ........................... ଭାଗ, ପରିଶିଷ୍ଟ ୩-ଖ (୪)ର ସକଳ୍ପ ଅନୁଯାୟୀ ଏହି ଗାଁରେ ଏକ ବନସଂରକ୍ଷଣ ସମିତି / ଜୈବମଣ୍ଡଳ ବିକାଶ ସମିତି ଗଠନ କରିବା ପାଇଁ ସୁପାରିଶ କଲି । ଏହି ଅଞ୍ଚଳ ବିଷୟରେ ସବିଶେଷ ବିବରଣୀ ତଳେ ଦିଆଗଲା ।

୧. ସମିତିର ନାମ-

୨. ଗ୍ରାମ-

୩. ଗ୍ରାମ ପଞ୍ଚାୟତ-

୪. ପଞ୍ଚାୟତ ସମିତି-

୫. ଥାନା -

୬. ଜଙ୍ଗଲର ବିଟ-

୭. ଜଙ୍ଗଲ ଭାଗ-

୮. ବନସୀମା-

୯. ମୋଟ ସଦସ୍ୟ ସଂଖ୍ୟ (ସଭ୍ୟମାନଙ୍କର ତାଲିକା ଏଥିରେ ଯୋଗ କରାଗଲା)

କ.  ଅନୁସୂଚିତ ଜନଜାତି ସଦସ୍ୟଙ୍କ ସଂଖ୍ୟା–

ଖ.  ମହିଳା ସଦସ୍ୟଙ୍କ ସଂଖ୍ୟା –

ଗ.  ଅନୁସୂଚୀତ ଜାତି ସଦସ୍ୟଙ୍କ ସଂଖ୍ୟା–

୧୦. ସୁରକ୍ଷା ଏବଂ ପରିଚାଳନା ପାଇଁ ପ୍ରସ୍ତାବିତ ବନାଞ୍ଚଳର.................... ହେକ୍ଟର

୧୧. ଜଙ୍ଗଲ ବ୍ଲକର ନାମ –

୧୨. କମ୍ପାର୍ଟମେଣ୍ଟ ସଂଖ୍ୟା–

ଗ୍ରାମ / ଗ୍ରାମସମୁହରେ ଅନୁଷ୍ଠିତ ଗ୍ରାମସଭାର ସଂକଳ୍ପନାମା ଏଥିସହ ସଂଯୁକ୍ତ କରାଗଲା ।

ବନପାଳଙ୍କ ଦସ୍ତଖତ

**ବନସୀମା ଅଧିକାରୀଙ୍କ କାର୍ଯ୍ୟାଳୟ..................................... ବନସୀମା**

ପତ୍ରାଙ୍କ ........................................................ ତାରିଖ..............................

ଏଥି ସହିତ ମୁଁ.............................................. ଗ୍ରମବାସିଙ୍କ ସଂକଳ୍ପନାମା .............................. ବିଭାଗ ବନପାଳଙ୍କ ମତ ସହିତ ପ୍ରରେିତ କଲି । ମୁଁ ........................................ଗ୍ରମରେ ..............................ଜଙ୍ଗଲ ବ୍ଲକର ......................ହେକ୍ଟର ଜଙ୍ଗଲ ଅଞ୍ଚଳର ସୁରକ୍ଷା ଓ ପରିଚାଳନା ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ ପାଇଁ ସୁପାରିଶ କରୁଛି ।

ବନସୀମା ଅଧିକାରୀଙ୍କ ଦସ୍ତଖତ

## ଫର୍ମ-୩

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ................ବନଖଣ୍ଡ

## କାର୍ଯ୍ୟାଳୟ ନିର୍ଦ୍ଦେଶନାମା ସଂଖ୍ୟା...........ତାରିଖ...........

ବନସୀମା ଅଧିକାରୀଙ୍କ କାର୍ଯ୍ୟାଳୟ .............ବନସୀମାଙ୍କ ପତ୍ର ସଂଖ୍ୟା...........ଅନୁଯାୟୀ ଉପସ୍ଥାପିତ ପ୍ରସ୍ତାବ ଓ ବନଖଣ୍ଡ ସ୍ତରୀୟ କମିଟିର ସୁପାରିଶର ଉପଯୁକ୍ତ ବିଚାରପରେ ମୁଁ ଓଡିଶା ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପନାମା ୨୦୦୮ର ୩-୨-(ଙ) ଅଧିନରେ ନ୍ୟସ୍ତକରାଯାଇଥିବା କ୍ଷମତା ଆଧାରରେ ବନ ସଂରକ୍ଷଣ ସମିତି / ଜୈବ ମଣ୍ଡଳ ବିକାସ ସମିତି ଗଠନ ପାଇଁ ସ୍ୱିକୃତି ପ୍ରଦାନ କରୁଛି ଏବଂ ନିର୍ଦ୍ଦେଶ ଦେଉଛି ଯେ, .............................ଗ୍ରାମ/ ଗ୍ରାମ ସମୁହ ଦ୍ୱାରା ..........................ବନ ସଂରକ୍ଷଣ ସମିତି / ଜୈବ ମଣ୍ଡଳ ବିକାଶ ସମିତି ................................ଜଙ୍ଗଲର ଆଂଶିକ/ସମ୍ପୁର୍ଣ୍ଣ ସୁରକ୍ଷା ଏବଂ ପରିଚାଳନା ପାଇଁ ଗଠିତ ହେଲା ।

........................................ବନ ସଂରକ୍ଷଣ ସମିତି / ଜୈବ ମଣ୍ଡଳ ବିକାଶ ସମିତ ଏହି କାର୍ଯ୍ୟାଳୟରେ ପଞ୍ଜୀକରଣ ସଂଖ୍ୟା ............................ ଅନୁଯାୟୀ ପଞ୍ଜୀକୃତ ହେଲା ।

ବନଖଣ୍ଡ ଅଧିକାରି

..........ବନଖଣ୍ଡ

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ................ବନଖଣ୍ଡ

## ପତ୍ର ସଂଖ୍ୟା...........ତାରିଖ...........

ସୁଚନା ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ସକାଶେ ବନସୀମା ଅଧିକାରୀ ..............ବନସୀମାଙ୍କୁ ନକଲ ପ୍ରେରିତ କରାଗଲା । ଉପରେ ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳକୁ ଚିହ୍ନଟ କରିବା ଏବଂ ଟପୋସିଟରେ ଚିତ୍ରଣ କରିବା (୧:୫୦୦୦୦ ସ୍କେଲ) ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଗଲା । ସଦସ୍ୟ ସଚିବ, ବନ ସଂରକ୍ଷଣ ସମିତି, ବିଟ ଗାର୍ଡ ଏବଂ ବନସୀମା କାର୍ଯ୍ୟାଳୟରେ ଏହି ମାନଚିତ୍ରର ଗୋଟିଏ ଲେଖାଏଁ ନକଲ ଉପଲବ୍ଧ ହେବ । ମାନଚିତ୍ରର ଅନ୍ୟ ଏକ ନକଲ ନଥିଭୁକ୍ତ କରିବା ନିମିତ୍ତ ଏହି କାର୍ଯ୍ୟାଳୟରେ ଦାଖଲ କରାଯିବ ।

ସୁଚନା ଓ ଆବଶ୍ୟକିୟ କାର୍ଯ୍ୟାନୁଷ୍ଠାନ ସକାଶେ ସରପଞ୍ଚ............ଗ୍ରମ ପଞ୍ଚାୟତଙ୍କ ନିକଟକୁ ନକଲ ପଠାଗଲା ।

ବନଖଣ୍ଡ ଅଧିକାରି

..........ବନଖଣ୍ଡ

# ଫର୍ମ-୪

# ଓଡ଼ିଶା ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପ-୨୦୦୮ ଅଧିନରେ

# ଅନୁମତି ପତ୍ର

- ନ୍ୟସ୍ତ ଜଙ୍ଗଲର ନାମ ......................................................................
- ଜଙ୍ଗଲ ଜାତଦ୍ରବ୍ୟର ବର୍ଣ୍ଣନା                                        ପରିମାଣ
- ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାର ଉତ୍ସ.............................................
- ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ସଦସ୍ୟଙ୍କ ନାମ.........................................

ଜାରି କରିବାର ତାରିଖ:                                        ପଦବୀ:

ବୈଧତା:

(କାର୍ଯ୍ୟକାରୀ ସମିତିର ପ୍ରଧିକୃତ ସଦସ୍ୟଙ୍କ ସ୍ୱାକ୍ଷର                                        ସଦସ୍ୟ ସଚିବଙ୍କ ସ୍ୱାକ୍ଷର
......................ବନ ସଂରକ୍ଷଣ ସମିତି)